Bhubaneswar- 4 June 2026
ଭୁବନେଶ୍ୱର- ୪ ଜୁନ୍ ୨୦୨୬
Vol- 1 Issue - 39
ଭାଗ- ୧ ସଂଖ୍ୟା- ୩୯
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୭୯୨୭୦୧୦୦୭

## ମହାପ୍ରଭୁଙ୍କ ପାଇଁ ଇ-ହୁଣ୍ଡି ବ୍ୟବସ୍ଥା

**ଭୁବନେଶ୍ୱର:** ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଛନ୍ତି। ମହାପ୍ରଭୁଙ୍କ କରୁଣାରୁ ଅନେକଙ୍କ ମନସ୍କାମନା ପୂରଣ ହୋଇ ଆସୁଛି। ତେବେ ନିଜ ମନୋବାଞ୍ଛା,ଖୁସି ଏବଂ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି। ତେବେ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଚ୍ଛା କରି ଆସୁଥିଲେ। ଏହି କ୍ରମରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଉଚ୍ଚ ସ୍ତରୀୟ ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ପରିବାର ଲୋକେ ବାହାରକୁ ଆସିବା ପରେ ଉପରୋକ୍ତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା। ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା। ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କ ଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ। ତେବେ ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ।ଏହି ବୈଠକରେ ଲ' କମିଶନର ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟପରିଚାଳକ ଅରବିନ୍ଦ ପାଢ଼ୀ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଏବଂ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କେନ୍ଦ୍ର କ୍ୟାବିନେଟ୍‌ରେ ବଡ଼ ନିଷ୍ପତ୍ତି

# ଓଡ଼ିଶାର ଉପକୂଳ ରାଜପଥକୁ ମଞ୍ଜୁରୀ

- ରାମେଶ୍ୱରରୁ ପାରାଦୀପ ୧୬୩ କିମି ପର୍ଯ୍ୟନ୍ତ ହେବ ନିର୍ମାଣ
- ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ଛୁଇଁବ
- ୧୦୦ କିଲୋମିଟର ବେଗରେ ଦୌଡ଼ିବ ଗାଡ଼ି
- ଏଥିପାଇଁ ଖର୍ଚ୍ଚ ହେବ ୮,୩୦୦ କୋଟି
- ସ୍ୱାଗତ ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

**ନୂଆଦିଲ୍ଲୀ:** ଓଡ଼ିଶାରେ ନୂଆ ଉପକୂଳ ରାଜପଥକୁ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଏହି ରାଜପଥ ନିର୍ମାଣ ହେବ। ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୩ କିଲୋମିଟରଏହି ମେଗା ପ୍ରକଳ୍ପରେ ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଉପକୂଳ ରାଜପଥ ରାମେଶ୍ୱର ଠାରୁ ପାରାଦୀପରେ ପହଞ୍ଚିବ। ଅର୍ଥାତ ଏହି ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ଛୁଇଁବ। ଏହି ପ୍ରକଳ୍ପ ଉପକୂଳ ଓଡ଼ିଶା ସମେତ ରାଜ୍ୟର ବିକାଶରେ ସହାୟକ ହେବ। ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଅଂଶ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଗତି କରୁଛି। ୧୬ ନମ୍ବର ଜାତୀୟ ରାଜପଥର ଏହା ହେଉଛି ସ୍ୱର୍ଣ୍ଣ ଚତୁର୍ଭୁଜର ଅଂଶ ଏବଂ ଏହା ପୂର୍ବରୁ ଏକ ୬ ଥାକିଆ ରାଜପଥ ଅଟେ, ଯାହା ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ପ୍ରମୁଖ ସହର ଦେଇ ଗତି କରୁଛି। ଜାତୀୟ ରାଜପଥ ୨୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରୁଛି ଏବଂ ଏହା ସାତପଡ଼ା ଏବଂ କୋଣାର୍କ ଆଡକୁ ସଂପ୍ରସାରିତ ହୋଇଛି। ଦୁଇଟି ପ୍ୟାକେଜ୍‌ରେ ନିର୍ମାଣ ହେବାକୁ ଥିବା ଏହି ସଡ଼କପଥର ମୋଟ ଦୈର୍ଘ୍ୟ ୧୬୦.୧୮ କିଲୋମିଟର ରହିବ। ଏଥିରେ ମୋଟ ୮୩୦୦.୭୯ କୋଟି ଟଙ୍କା ବ୍ୟୟ ହେବ। ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୭୯.୪୦ କିମିର ୪-ଥାକିଆ ବିଶିଷ୍ଟ ରାସ୍ତା ପାଇଁ ମୋଟ୍ ୫୩୦୪.୮୦ କୋଟି ଟଙ୍କା ଓ ୮୦.୭୮ କିମି ବିଶିଷ୍ଟ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଥାକିଆ ବିଶିଷ୍ଟ ରାସ୍ତା ପାଇଁ ୨୯୯୫.୯୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ୧୭.୫ ବର୍ଷର ରିହାତି ଅବଧି ପ୍ରଦାନ କରାଯିବ। ଏହି ପ୍ରକଳ୍ପକୁ ଓଡ଼ିଶା ଭିତ୍ତିଭୂମି ବିକାଶରେ ନୂଆ ଅଧ୍ୟାୟର ଆରମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ମହତ୍ୱପୂର୍ଣ୍ଣ ପ୍ରକଳ୍ପ ରାଜ୍ୟରେ ସଡ଼କ ସଂଯୋଗକୁ ସୁଦୃଢ଼ କରିବ, ଯାତ୍ରା ସମୟ ପ୍ରାୟ ଅଢ଼େଇ ଘଣ୍ଟା ହ୍ରାସ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ, ଲଜିଷ୍ଟିକ୍ସ ଓ ଅର୍ଥନୈତିକ ପ୍ରଗତି ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ସେ ଓଡ଼ିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସହାୟତା ଓ ରାଜ୍ୟର ପ୍ରଗତି ନିମନ୍ତେ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ ଏହି ପ୍ରକଳ୍ପ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂପୁର ଜିଲ୍ଲା ଦେଇ ଗତି କରିବ। ଏନ୍‌ଏଚ୍-୧୬ର ଅଂଶ ଭାବେ ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକ ଦେଇ ପୂର୍ବରୁ ୬-ଲେନ୍ ବିଶିଷ୍ଟ ରାଜପଥ ରହିଛି। ଭୁବନେଶ୍ୱରକୁ ପୁରୀ ସହ ଯୋଡୁଥିବା ଏନ୍‌ଏଚ୍-୩୧୬ ସାତପଡ଼ା ଓ କୋଣାର୍କ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ପୂର୍ବରୁ ପୁରୀରୁ କୋଣାର୍କ ଏବଂ ପୁରୀରୁ ସାତପଡ଼ାକୁ ଥିବା ରାସ୍ତାର ଜ୍ୟାମିତିକ ଡିଜାଇନ ଅତ୍ୟନ୍ତ ଦୁର୍ବଳ ରହିଛି। ନୂଆ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ସେଥିରେ ବ୍ୟାପକ ସୁଧାର ଘଟିବ।ଏହି ପ୍ରକଳ୍ପର ପ୍ରଥମ ପ୍ୟାକେଜ୍‌ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଥାକିଆ ଏବଂ ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ପେଭ୍‌ଡ ସୋଲଡର ସହ ୨ ଥାକିଆ ବିଶିଷ୍ଟ ରାସ୍ତା ତିଆରି ହେବ। ଏହାଦ୍ୱାରା ଗାଡ଼ିର ଗତି ଘଣ୍ଟାପ୍ରତି ୧୦୦ କିଲୋମିଟର ସୁନିଶ୍ଚିତ ହେବ ଏବଂ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଓ ଜଗତସିଂପୁର ଜିଲ୍ଲାରେ ଗମନାଗମନ



ଦକ୍ଷତା ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଆଞ୍ଚଳିକ ଗମନାଗମନକୁ ବୃଦ୍ଧି କରିବ ଏବଂ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପର କାମ ସମ୍ପୂର୍ଣ୍ଣ ହେବା ପରେ ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ୩୦ ମିନିଟ୍ ହ୍ରାସ ପାଇବାର ଆଶା କରାଯାଉଛି। ଯାତ୍ରୀ ଏବଂ ମାଲ ପରିବହନ ପାଇଁ ନିରାପଦ, ଦ୍ରୁତ ଏବଂ ନିରବଚ୍ଛିନ୍ନ ସଂଯୋଗୀକରଣ ପ୍ରଦାନ କରାଯିବ। ଏହା ସହିତ ଏହି ପ୍ରକଳ୍ପ ଇନ୍ଧନ ବ୍ୟବହାର, କାର୍ବନ ନିର୍ଗମନ ଏବଂ ଯାନବାହନ ପରିଚାଳନା ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଆଣିବ।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

**ସମ୍ବଲପୁର:** ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ ବୀରସିଂଗଡ ପଞ୍ଚାୟତ ଅନ୍ତର୍ଗତ କୁମେର ଗାଁରେ ବୁଧବାର ସକାଳୁ ଏକ ବଣୁଆ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସେ ହେଉଛନ୍ତି କୁମେର ଗ୍ରାମର ଲବ ଭୋଇ(୨୪)। ସୂଚନା ଅନୁଯାୟୀ, ଗାଁର ଅନ୍ୟ ତିନି ଯୁବକଙ୍କ ସହ ଲଭ ଭୋଇ ସକାଳ ପ୍ରାୟ ୫ରୁ ୬ଟା ମଧ୍ୟରେ ଗାଁ ନିକଟସ୍ଥ ଏକ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲ ପାଖ ରାସ୍ତା ଦେଇ ହଠାତ ଏକ ହାତୀ ସେମାନଙ୍କ ଆଡକୁ ମାଡ଼ି ଆସିଥିଲା। ହାତୀଟିକୁ ଦେଖି ଲବଙ୍କ ସହ ଯାଇଥିବା ଅନ୍ୟ ତିନି ଜଣ ସାଙ୍ଗ ସେଠାରୁ ଦୌଡ଼ି ପଳାଇବାରେ ସଫଳ ହୋଇଥିବା ବେଳେ ଲବ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ସେଠାରେ ଦଳି ଦେଇଥିଲା। ଯାହା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖବରପାଇ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚିଲା ପରେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଯୁଯୋମୁରା ଥାନା ପୋଲିସ ପହଞ୍ଚି ପରିସ୍ଥିତି ଆୟତ୍ତ କରିଥିଲା। ଏହାସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି।

# ଭୟଙ୍କର ଅଗ୍ନିକାଣ୍ଡ : ୨୧ ଜୀବନ୍ତ ଦଗ୍ଧ

- ମୃତକଙ୍କ ମଧ୍ୟରୁ ୧୮ ଜଣ ବିଦେଶୀ
- ୪୦ଜଣ ସୁରକ୍ଷିତ ଉଦ୍ଧାର
- ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ
- ସହାୟତାରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ହଠାତ୍ ଲାଗିଲା ନିଆଁ। ସବୁକିଛି ପୋଡି ପାଉଁଶ ହୋଇଗଲା। ବୁଧବାର ରାଜଧାନୀ ଦିଲ୍ଲୀର ମାଲବ୍ୟ ନଗରର ହୌଜ ରାଣୀରେ ଫ୍ଲୋରିସ୍ ଷ୍ଟେ ରେସ୍ତୋରାଁରେ ହୋଇଥିବା ଅଗ୍ନିକାଣ୍ଡରେ ବଢୁଛି ମୃତ୍ୟୁ ସଂଖ୍ୟା। ଏଥିରେ ୨୧ରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୪୦ ରୁ ଅଧିକ ଆହତ ହୋଇଛନ୍ତି। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅନେକ ଗୁରୁତରଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନିଆଁ ଲାଗିବା ମାତ୍ରେ ଲୋକେ ଜୀବନ ବଞ୍ଚାଇବାକୁ ଏଣେତେଣେ ଦୌଡିବା ଆରମ୍ଭ କରିବା ସହ ତଳକୁ ଅନେକ ଡେଇଁ ପଡ଼ି ମଧ୍ୟ ଆହତ ହୋଇଛନ୍ତି। ମୃତାହତଙ୍କ ମଧ୍ୟରେ କିଛି ବିଦେଶୀ ପର୍ଯ୍ୟଟକ ଥିବା କୁହାଯାଉଛି। ଅନେକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ରେସ୍ତୋରାଁରେ ଲଜ୍ ବ୍ୟବସ୍ଥା ଥିବାରୁ ୨୫ଟି ରୁମ୍ ଥିଲା। ଏଥିରେ ପ୍ରାୟ ୪୦ ଜଣ ରହୁଥିଲେ। ୬ ଟି ରୁମ ପାଇଁ ଅନୁମତି ଥିବା ସତେ ୨୫ ଟି ରୁମ ରେ ବ୍ୟବସାୟ କରୁଥିଲେ ରେସ୍ତୋରାଁ ମାଲିକ । ବୁଧବାର ସକାଳେ ଦିଲ୍ଲୀର ମାଲବ୍ୟ ନଗରର ହୌଜ ରାଣୀରେ ଥିବା ୫ ମହଲା ବିଶିଷ୍ଟ ରେସ୍ତୋରାଁରେ ଏହି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଦିଲ୍ଲୀର ମାଲବ୍ୟ ନଗରର ହୌଜ ରାଣୀରେ ଥିବା ଲେମନ୍ ଗ୍ରୀନ୍ ରେଷ୍ଟୁରାଣ୍ଟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ, ୧୦ଟି ଅଗ୍ନିଶମ ବାହିନୀ ଗାଡ଼ି ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚିଥିଲା। ବହୁତ ଚେଷ୍ଟା ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିଶମ ବାହିନୀ ଗାଡ଼ି ଘଟଣାସ୍ଥଳରେ ଉପସ୍ଥିତ ଅଛି। ଏପର୍ଯ୍ୟନ୍ତ ଏହି ଅଗ୍ନିକାଣ୍ଡ ଯୋଗୁଁ ୨୦ରୁ ଅଧିକ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୦ ରୁ ଅଧିକ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ଅଗ୍ନିଶମ ସେବା ଦଳ ସକାଳ ୮:୫୦ ରେ ମାଲବ୍ୟ ନଗରର ଲେମନ୍ ଗ୍ରୀନ୍ ରେସ୍ତୋରାଁରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇଥିଲା। ତୁରନ୍ତ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ରେସ୍ତୋରାଁର ବେସମେଣ୍ଟରେ ନିଆଁ ଲାଗିଥିବା ସୂଚନା ମିଳିଛି। ବେସମେଣ୍ଟରୁ ଲୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪୦ ରୁ ଅଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ମ୍ୟାକ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଟ୍ୱିଟ୍ କରିଛନ୍ତି, "ମାଲବ୍ୟ ନଗରରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ପ୍ରାଣହାନି ପାଇଁ ମୁଁ ଗଭୀର ଦୁଃଖିତ। ପୀଡିତଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା। ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ଏବଂ ଏହି ହୃଦୟବିଦାରକ ଘଟଣାରେ ପ୍ରଭାବିତ ସମସ୍ତ ଲୋକଙ୍କ ପାଇଁ ସାହସ ଏବଂ ଶକ୍ତି ପାଇଁ ମୁଁ ପ୍ରାର୍ଥନା କରୁଛି। ଘଟଣା ବିଷୟରେ ସୂଚନା ପାଇବା ପରେ, ଦିଲ୍ଲୀ ଅଗ୍ନିଶମ ସେବା, ଦିଲ୍ଲୀ ପୁଲିସ ଆମ୍ବୁଲାନ୍ସ ସେବା ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାର ଦଳଗୁଡ଼ିକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେମାନଙ୍କର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପ୍ରଭାବିତ ଅଞ୍ଚଳରୁ ଅନେକ ଲୋକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତରିତ କରାଯାଇଥିଲା। ଦିଲ୍ଲୀ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ପ୍ରଭାବିତ ପରିବାରକୁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଏବଂ ସହାୟତା ଯୋଗାଇ ଦିଆଯାଉଛି। ଏହି ଦୁଃଖର ମୁହୂର୍ତ୍ତରେ ଦିଲ୍ଲୀ ସରକାର ପ୍ରଭାବିତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛି। ଏହି ଘଟଣାରେ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ଆମେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।" ଅନ୍ୟପଟରେ ଦିଲ୍ଲୀ ମାଲବ୍ୟ ନଗର ରେସ୍ତୋରାଁରେ ଘଟିଥିବା ଅଗ୍ନିକାଣ୍ଡରେ ୨୧ ମୃତକଙ୍କ ମଧ୍ୟରୁ ୧୮ ଜଣ ବିଦେଶୀ ବୋଲି ସୂଚନା ମିଳିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କାହିଁକି ନିଆଁ ଲାଗିଲା, ଏଥିପାଇଁ କିଏ ଦାୟୀ, ଭଳି ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୁରଣ ରାଶି ଘୋଷଣା କରିଛନ୍ତି। ଆହତଙ୍କୁ ୫୦ ହଜାର ସହାୟତା ରାଶି ଘୋଷଣା କରିଛନ୍ତି।

## ଓଡ଼ିଶାକୁ ମିଳିଲା ୫ ପଞ୍ଚାୟତ ପୁରସ୍କାର

### ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ବର୍ଗରେ ଗଞ୍ଜାମ ଦ୍ୱିତୀୟ

**ନୂଆଦିଲ୍ଲୀ:** ଜାତୀୟ ସ୍ତରରେ ଓଡ଼ିଶାର ୫ଟି ପଞ୍ଚାୟତକୁ ପୁରସ୍କୃତ କରାଯାଇଛି । ଦୀନଦୟାଲ ଉପାଧ୍ୟାୟ ସତତ ବିକାଶ ପୁରସ୍କାର ଓ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାରରେ ୨୦୨୫ ବର୍ଷ ପାଇଁ ୫ଟି ପଞ୍ଚାୟତକୁ ଏହି ପୁରସ୍କାର ମିଳିଛି । ନୂଆଦିଲ୍ଲୀରେ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସାରା ଦେଶରେ ସ୍ୱସ୍ଥ ପଞ୍ଚାୟତ ତାଲିକାରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ୩ ନମ୍ବର ରାଙ୍କରେ ରହିଛି । ପର୍ଯ୍ୟାପ୍ତ ପାଣି ଥିବା ପଞ୍ଚାୟତ ବର୍ଗରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ପଞ୍ଚାୟତ ତୃତୀୟ ସ୍ଥାନରେ ରହିଛି । ଏହି ପଞ୍ଚାୟତର ଜଳ ସୁପରିଚାଳନା ଦେଶର ଦୃଷ୍ଟି ଆକର୍ଷଣ କରିଛି ।ସେହିପରି ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକର ହାତୀବନ୍ଧ ପଞ୍ଚାୟତ ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛି । ଏହି ପଞ୍ଚାୟତରେ ଆବର୍ଜନାରୁ କମ୍ପୋଷ୍ଟ କରାଯାଇ ଗଛରେ



ଦିଆଯାଉଛି । ସବୁଜ ପରିବେଶ ବି ସୃଷ୍ଟି କରାଯାଇଛି । ସାମାଜିକ ନିରାପତ୍ତା ଦୃଷ୍ଟିରୁ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତ ଦେଶରେ ହୋଇଛି ଦ୍ୱିତୀୟ । ଗଞ୍ଜାମ ଜିଲ୍ଲା ଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ସାରା ଦେଶରେ ଦ୍ୱିତୀୟ ରାଙ୍କରେ ରହିଛି । କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟ ପଞ୍ଚାୟତିରାଜ ବିଭାଗକୁ ଏ ସଂପର୍କରେ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି । ନିର୍ଦ୍ଦିଷ୍ଟ ବର୍ଗରେ ବିଶେଷ କାର୍ଯ୍ୟ ଓ ସଫଳତା ପାଇଁ ଏହି ପଞ୍ଚାୟତଗୁଡିକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

# ପୁରୀରେ 'ବ୍ରିକ୍ସ' ସମ୍ମିଳନୀ ଆରମ୍ଭ

- ଯୋଗଦେଲେ ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞ
- ପ୍ରତିନିଧିଙ୍କ ସାମ୍ନାରେ ଓଡ଼ିଶାର ସଫଳ ବିପର୍ଯ୍ୟୟ ପରିଚାଳନା ମଡେଲ୍ ପ୍ରଦର୍ଶିତ




**ପୁରୀ:** ଭାରତର ବ୍ରିକ୍ସ୍ ୨୦୨୬ ଅଧ୍ୟକ୍ଷତା ଅଧୀନରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ପକ୍ଷରୁ ଜୁନ୍ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ପୁରୀଠାରେ ବ୍ରିକ୍ସ୍ ୨୦୨୬ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀ (ଡିଆରଆରଜି)ର ବୈଠକ ଆୟୋଜିତ ହେଉଛି।"ପ୍ରତିରୋଧ କ୍ଷମତା, ନୂତନ ଜ୍ଞାନକୌଶଳ, ପାରସ୍ପରିକ ସହଯୋଗ ତଥା ସମନ୍ୱୟ ଏବଂ ନିରନ୍ତର ଧାରଣୀୟ ବିକାଶର ନିର୍ମାଣ" ଶୀର୍ଷକରେ ଆୟୋଜିତ ଏହି ବୈଠକରେ ବ୍ରିକ୍ସ୍ ସଦସ୍ୟ ରାଷ୍ଟ୍ର ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବେ। ବୈଠକରେ ଗୋଷ୍ଠୀଭିତ୍ତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ପରିଚାଳନା ପାଇଁ ଅର୍ଥ ବ୍ୟବସ୍ଥା, ବହୁମୁଖୀ ବିପଦ ପାଇଁ ପୂର୍ବ ସତର୍କୀକରଣ ବ୍ୟବସ୍ଥା, ବିପର୍ଯ୍ୟୟ-ପ୍ରତିରୋଧକ ଭିତ୍ତିଭୂମି,ପ୍ରକୃତିଭିତ୍ତିକ ସମାଧାନ ଏବଂ ବିଜ୍ଞାନ, ପ୍ରଯୁକ୍ତି ଓ ନୂତନ ଜ୍ଞାନକୌଶଳର ବ୍ୟବହାର ମାଧ୍ୟମରେ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା ବୃଦ୍ଧି ଭଳି ପ୍ରମୁଖ ବିଷୟ ଉପରେ ଆଲୋଚନା ହେବ। ସାଧାରଣ ବିପର୍ଯ୍ୟୟଜନିତ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ପାରସ୍ପରିକ ଶିକ୍ଷା, ସହଯୋଗ ଓ ଅନୁଭୂତି ବିନିମୟ ମାଧ୍ୟମରେ ବିପର୍ଯ୍ୟୟ-ପ୍ରତିରୋଧୀ ସମାଜ ଏବଂ ସ୍ଥାୟୀ ବିପର୍ଯ୍ୟୟ ବିପଦ ହ୍ରାସ ଢାଞ୍ଚା ଗଠନ କ୍ଷେତ୍ରରେ ବ୍ରିକ୍ସ୍ ରାଷ୍ଟ୍ରମାନଙ୍କ ମଧ୍ୟରେ ସହଯୋଗକୁ ଏହି ବୈଠକ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବାତ୍ୟା ପରିଚାଳନା, ପୂର୍ବ ସତର୍କୀକରଣ ପ୍ରସାରଣ, ସ୍ଥାନାନ୍ତରଣ ଯୋଜନା ଏବଂ ଗୋଷ୍ଠୀଭିତ୍ତିକ ପ୍ରତିକ୍ରିୟା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତା ଓ ସ୍ୱୀକୃତିକୁ ଦୃଷ୍ଟିରେ ରଖି ରାଜ୍ୟକୁ ଏହି ବୈଠକର ଆୟୋଜକ ରାଜ୍ୟ ଭାବେ ଚୟନ କରାଯାଇଛି। ବିଶେଷକରି ବାତ୍ୟା ପରିଚାଳନାରେ ଶୂନ୍ୟ ଜନହାନି (ଜିରୋ କାଜୁଆଲିଟି) ସୁନିଶ୍ଚିତ କରିବା କ୍ଷେତ୍ରରେ ଓଡ଼ିଶାର ସଫଳତା ଆନ୍ତର୍ଜାତିକସ୍ତରରେ ପ୍ରଶଂସିତ ହୋଇଛି। କାର୍ଯ୍ୟକ୍ରମର ଅଂଶସ୍ୱରୂପ ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିମାନେ ରାମଚଣ୍ଡୀଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ(ଓଡ୍ରାଫ୍) ପକ୍ଷରୁ ଜଳ ଉଦ୍ଧାର ପ୍ରସ୍ତୁତି ଓ ପ୍ରତିକ୍ରିୟା ପ୍ରଦର୍ଶନୀ ପରିଦର୍ଶନ କରିବେ।

# ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ପ୍ରମାଣପତ୍ର ପ୍ରଦାନରେ ହେବନି ବିଳମ୍ବ

### ନଚେତ ଅଫିସରଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର:** ରାଜ୍ୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ ଖୁସିଖବର। ଏଣିକି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରମାଣପତ୍ର ତୁରନ୍ତ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ମିଳିବ। ଏସବୁ ପ୍ରମାଣପତ୍ର ଦେବାରେ ବିଳମ୍ବ କଲେ ସମ୍ପୃକ୍ତ ଅଫିସରଙ୍କ ବିରୁଦ୍ଧରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ପ୍ରମାଣପତ୍ରଗୁଡ଼ିକ ମିଳିବାରେ ବିଳମ୍ବ ଯୋଗୁ ଯେପରି କୌଣସି ବି ପିଲା ଶିକ୍ଷାନୁଷ୍ଠାନରେ ନାମଲେଖାରୁ ବଂଚିତ ନହେବେ ତାହା ସୁନିଶ୍ଚିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ଡଂୟସଦ୍ୱଷବ ରାଜସ୍ୱ ସଚିବ ଡଃ ଅରବିନ୍ଦ ପାଢ଼ୀ। ଏବେ ନାମଲେଖା ସମୟ ଆରମ୍ଭ ହୋଇଥିବାରୁ ତହସିଲ ଅଫିସଗୁଡ଼ିକରେ ସ୍ଥାୟୀ ବାସିନ୍ଦା, ଆୟ ଓ ଜାତି ପ୍ରମାଣପତ୍ର ପାଇଁ ଛାତ୍ରଛାତ୍ରୀମାନଙ୍କର ପ୍ରବଳ ଭିଡ଼ ସହ ବହୁସଂଖ୍ୟକ ଆବେଦନ କରାଯାଉଥିବା ଲକ୍ଷ୍ୟ କରାଯାଇଛି। ଏହି ଆବେଦନଗୁଡ଼ିକର ନିଷ୍ପତ୍ତି ପ୍ରକ୍ରିୟା ଓଡ଼ିଶା ଜନସେବା ଅଧିକାର ଆଇନ,୨୦୧୨ ଅଧୀନରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରାଯିବା ଆବଶ୍ୟକ। ଏହାଦ୍ୱାରା ନାମଲେଖା ସମୟରେ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକମାନଙ୍କ ମଧ୍ୟରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ। ଏହି ଅତ୍ୟାବଶ୍ୟକ ଜନସେବାଗୁଡ଼ିକର ତୁରନ୍ତ ପ୍ରଦାନ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲରେ ଆବେଦନକାରୀଙ୍କ ସମ୍ବନ୍ଧୀୟ ତଥ୍ୟ ସହିତ ଦରଖାସ୍ତ ଉପରେ ଅଧିକାରୀମାନେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରିବେ। ସେହିପରି ସ୍ଥାୟୀବାସିନ୍ଦା ଓ ଆୟ ପ୍ରମାଣପତ୍ର ପାଇଁ ଆବେଦନକାରୀ ଏକ ଘୋଷଣାପତ୍ର ଦାଖଲ କରୁଥିବାରୁ ସେଗୁଡ଼ିକୁ କୌଣସି ଅନାବଶ୍ୟକ ବିଳମ୍ବ ନକରି ତୁରନ୍ତ ପ୍ରଦାନ କରାଯିବ। ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କ୍ଷେତ୍ରୀୟ ଯାଂଚ ତୁରନ୍ତ ଗ୍ରାମ୍ୟସ୍ତରରେ କରିବାକୁ ଡଃ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଜାତି ପ୍ରମାଣପତ୍ର ସମ୍ବନ୍ଧୀୟ କୌଣସି ଆବେଦନର କ୍ଷେତ୍ରୀୟ ଯାଞ୍ଚ ପ୍ରକ୍ରିୟା ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ ପାଖରେ ତିନି ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ରହିବ ନାହିଁ। ପ୍ରଚଳିତ ନିୟମ, ନିର୍ଦ୍ଦେଶାବଳୀ କିମ୍ବା ଆଇନଗତ ବ୍ୟବସ୍ଥାରେ ଆବଶ୍ୟକ ନ ଥିଲେ, ଆବେଦନକାରୀଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦଲିଲ୍ ଦାଖଲ କରିବା ପାଇଁ ବାଧ୍ୟ କରାଯିବ ନାହିଁ। ଯଥାସମ୍ଭବ ସରକାରୀ କାଗଜପତ୍ର ଓ ଡିଜିଟାଲ୍ ପ୍ଲାଟଫର୍ମରେ ଉପଲବ୍ଧ ତଥ୍ୟ ଯାଂଚ କରି ନିଷ୍ପତ୍ତି ଗ୍ରହଣ କରିବାକୁ ଡଃ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସାର୍ଟିଫିକେଟ୍ ବା ପ୍ରମାଣପତ୍ର ସଂକ୍ରାନ୍ତରେ ଉପଜିଲ୍ଲାପାଳ ନିଜେ ପ୍ରତିଦିନ ତଦାରଖ କରିବା ସହ କୌଣସିସ୍ତରରେ ଯଦି ଅଯଥା ବିଳମ୍ବ ଘଟୁଥାଏ, ସେ କ୍ଷେତ୍ରରେ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳମାନେ ପ୍ରତି ୭ଦିନରେ ଓ ଜିଲ୍ଲାପାଳ ପ୍ରତି ୧୫ ଦିନରେ ଏବଂ ଆରଡିସି ପ୍ରତି ମାସରେ ତହସିଲସ୍ତରୀୟ ସମୀକ୍ଷା ବୈଠକ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କୁହାଯାଇଛି।

ସମ୍ପାଦକୀୟ

# ପଶୁଙ୍କୁ ପ୍ରାଣଦଣ୍ଡ !

ଭୁଲ୍ କଲେ ଦଣ୍ଡ ମିଳିବା ସ୍ୱାଭାବିକ। ପ୍ରଶାସନିକ କ୍ଷେତ୍ର ହେଉ ଅବା ସାମାଜିକ କ୍ଷେତ୍ର ହେଉ ଅବା ପାରିବାରିକ କ୍ଷେତ୍ର ହେଉ,ସବୁ କ୍ଷେତ୍ରରେ ଦଣ୍ଡବିଧାନର ପ୍ରାବଧାନ ରହିଛି ନିଶ୍ଚିତ ଭାବରେ। କୌଣସି ବି କ୍ଷେତ୍ରରେ ଦଣ୍ଡବିଧାନ କରାଯାଇପାରେ, ଯଦି ସଂପୃକ୍ତ କ୍ଷେତ୍ରରେ କେହି ବି କେବେ ଦୋଷୀ ପ୍ରମାଣିତ ହୁଅନ୍ତି। ଅପରାଧୀ ପ୍ରମାଣିତ ହେଲା ପରେ ଦଣ୍ଡବିଧାନ ଯାହା କି ଅତି ସାଧାରଣ କଥା। ଏଥିରେ କିଛି ବି ଆଶ୍ଚର୍ଯ୍ୟ ହେବାର ନାହିଁ। ଏପରିକି କୌଣସି ଅଭିଯୁକ୍ତଙ୍କୁ ସେଭଳି କିଛି ଦଣ୍ଡ ବିଧାନ ର ଆଇନତଃ ସେମିତି କିଛି ପ୍ରାବଧାନ ନାହିଁ ଯେ ଯାବତ୍ ସଂପୃକ୍ତ ଅଭିଯୁକ୍ତର ଅଭିଯୋଗ ପ୍ରକୃତ ଅର୍ଥରେ ପ୍ରମାଣିତ ନ ହୋଇଛି। ତେବେ ଦଣ୍ଡବିଧାନ୍ କ୍ଷେତ୍ରରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଚୂଡ଼ାନ୍ତ। ହେଲେ ବିନା ଅଭିଯୋଗରେ , ବିନା ଅପରାଧରେ କାହାକୁ ବି ଦଣ୍ଡବିଧାନ କେବେ ବି ଗ୍ରହଣୀୟ ହୋଇନପାରେ। ପୁଣି କୁକୁରଙ୍କୁ ଦଣ୍ଡବିଧାନ! ନା ଅଛି ଅଭିଯୋଗ ନା ଅଛି ଅପରାଧ, ତଥାପି ଅତି କଠୋର ଦଣ୍ଡବିଧାନ । ଏମିତି କିଛି ଦଣ୍ଡବିଧାନର ନିର୍ଦ୍ଦେଶ ଜାରି କରିଛନ୍ତି ଭାରତର ସର୍ବୋଚ୍ଚ ଅଦାଲତ୍ ସୁପ୍ରିମ୍ କୋର୍ଟ। ରାତି ପାହିଲେ ରାସ୍ତାରେ, ସାହି ବସ୍ତିରେ, ସମାଜର ଗଳି କନ୍ଦିରେ ଯୁଆଡ଼େ ଦେଖିବ ସିଆଡ଼େ କୁକୁର । ସେମାନେ ତ କୁକୁର, ରାସ୍ତାଘାଟ ହେଉ କି ଗଳିକନ୍ଦି, ବୁଲିବା ସେମାନଙ୍କର ଚିରାଚରିତ ଅଭ୍ୟସ। ସେମାନଙ୍କର ଆଦିମ ଅଭ୍ୟାସ। ସେମାନେ ତ ମଣିଷ ନୁହଁନ୍ତି ଯେ ଘରେ ରହିବେ। ଅଥଚ ସେମାନଙ୍କ ପ୍ରତି ଏତେ କଠୋର ଆଭିମୁଖ୍ୟ କାହିଁକି ? ତାହା ପୁଣି ସୁପ୍ରିମ୍ କୋର୍ଟଙ୍କ ପକ୍ଷରୁ । ଦେଶର ସର୍ବୋଚ୍ଚ ଅଦାଲତ ସମାଜର ସେହି ନିରୀହ ପଶୁଙ୍କ୍ ପାଇଁ ପ୍ରାଣଦଣ୍ଡର ଆଦେଶ ଜାରି କରିସାରିଛନ୍ତି। ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟା ସତ୍ୟ ଏବଂ ସେହି ସତ୍ୟ ପଛର କାରଣ ବି ସେମିତି ଶକ୍ତ। ଯାହାକୁ ବୁଝିବା ଦରକାର। ନଚେତ୍ ସାମ୍ବିଧାନିକ ଦୃଷ୍ଟି କୋଣରୁ ଦେଶର ଅତି ଏକ ସମ୍ବେଦନଶୀଳ ନ୍ୟାୟିକ ପରିସର ମଧ୍ୟରୁ ନିରୀହ ପଶୁ କୁକୁରମାନଙ୍କ ପାଇଁ ଏପରି କଠୋର ଆଭିମୁଖ୍ୟ ପୋଷଣର ଆଭିମୁଖ୍ୟ ଉପନ୍ନ ହୋଇନଥାନ୍ତା। ଏପରିକି କୁକୁରମାନଙ୍କ ସ୍ଥାନାନ୍ତର କିମ୍ବା ସେମାନଙ୍କ ବନ୍ଧ୍ୟାକରଣ ଉପରେ ୭ ନଭେମ୍ବର ୨୦୨୫ରେ ପ୍ରଦତ୍ତ ଆଦେଶରେ କୌଣସି ପ୍ରକାର ପରିବର୍ତ୍ତନ ନେଇ ଆଗତ ସମସ୍ତ ଆବେଦନକୁ ଖାରଜ୍ କରିଦେଇଛନ୍ତି ସୁପ୍ରିମ୍ କୋର୍ଟ। ଏହାଦ୍ୱାରା ଭାରତର ପଶୁପ୍ରେମୀଙ୍କ ମନକୁ ଅବଶ୍ୟ ପ୍ରବଳ ଆଘାତ ଲାଗିଛି। ତଥାପି ସୁପ୍ରିମ୍ କୋର୍ଟ କିନ୍ତୁ ତାଙ୍କର ବୁଲା କୁକୁରଙ୍କ ପ୍ରତି ବର୍ତ୍ତମାନର କଠୋର ଆଭିମୁଖ୍ୟରେ ସେମିତି କିଛି ପରିବର୍ତ୍ତନର କୌଣସି ଆଭାସ ଦେଇନାହାଁନ୍ତି। ବରଂ କୌଣସି ବି ପ୍ରକାରେ ସୁପ୍ରିମ୍ କୋର୍ଟ ତାଙ୍କ ଆଦେଶର କାର୍ଯ୍ୟକାରୀତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏପରିକି ସମାଜରେ ମଣିଷମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟିକାରୀ ତଥା ଆକ୍ରମଣାତ୍ମକ ଏବଂ ପାଗଳ କୁକୁର ଅବା ପରିବେଶ ପ୍ରତି ଅହିତକାରୀ, ପରିବେଶ ପ୍ରତି କ୍ଷତିକାରକ ମନେହଉଥିବା ରୋଗୀଣା କୁକୁରମାନଙ୍କୁ ଯନ୍ତ୍ରଣାମୁକ୍ତ ମୃତ୍ୟୁଦଣ୍ଡ-ୟୁଥାନସିଆ ପାଇଁ କୋର୍ଟ ସଂପୃକ୍ତ ଅଞ୍ଚଳରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ତେବେ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ପ୍ରଦତ୍ତ ୭ ନଭେମ୍ବର ୨୦୨୫ ରାୟର ପ୍ରତ୍ୟାହାର କିମ୍ବା ପୁନଃଶୁଣାଣି ପାଇଁ ଆନିମଲ୍ ୱେଲ୍‌ଫେୟାର ବୋର୍ଡ ଅଫ୍ ଇଣ୍ଡିଆ (ଏଡବ୍ଲ୍ୟୁବି ଆଇ ) ପକ୍ଷରୁ ଜାରି କରାଯାଇଥିବା ଏସ୍ ଓ ପି ରେ ହସ୍ତକ୍ଷେପ କରିବାର କୌଣସି କାରଣ ମଧ୍ଯ କୋର୍ଟ ଦେଖୁନଥିବା ତାଙ୍କ ରାୟରେ ସ୍ୱଷ୍ଟ କରିଛନ୍ତି। ତେବେ ସମାଜରେ ଦୈନନ୍ଦିନ ଗଳିକନ୍ଦିରେ ବୁଲୁଥିବା ବୁଲାକୁକୁର ଯେ କୌଣସି ବି ସମୟରେ ଘାତକ ସାବ୍ୟସ୍ତ ହୋଇପାରନ୍ତି, ସେହି କଥାକୁ ବିଳମ୍ବରେ ହେଲେ ବି ପ୍ରକାଶ କରିଛନ୍ତି ସୁପ୍ରିମ୍ କୋର୍ଟ । କେବଳ ପ୍ରକାଶ କରି ନାହାଁନ୍ତି, ତାହାକୁ ପ୍ରମାଣ କରିବା ପାଇଁ ମଧ୍ୟ ଚେଷ୍ଟା କରିଛନ୍ତି। ସମାଜର ଗଳି କନ୍ଦିରେ, ରାସ୍ତାଘାଟରେ, ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଯେପରି ବସଷ୍ଟାଣ୍ଡ ଅବା ରେଳ ଷ୍ଟେସନ୍ ଅବା ସ୍କୁଲ୍-କଲେଜ୍ ଅବା କୌଣସି ବଜାରଘାଟ ନିକଟରେ ବୁଲୁଥିବା ବୁଲାକୁକୁର ମାନଙ୍କୁ ତୁରନ୍ତ ସେ ସବୁ ସ୍ଥାନରୁ ହଟାଇ ସେମାନଙ୍କୁ ନିକଟସ୍ଥ ପ୍ରାଣୀ ବନ୍ଧ୍ୟାକରଣ କେନ୍ଦ୍ରରେ ଛାଡ଼ିବାର ତୁରନ୍ତ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଣୁ ପ୍ରତ୍ୟକ ରାଜ୍ୟ ସରକାରଙ୍କୁ ଏବିସି ନିର୍ମାଣ ଦିଗରେ ମଧ୍ୟ ବିହିତ ପଦକ୍ଷେପ ନେବାକୁ ସୁପ୍ରିମ୍ କୋର୍ଟ କଠୋର ନିର୍ଦ୍ଦେଶ ଜାରିକରିଛନ୍ତି। ବିଳମ୍ବରେ ହେଲେ ବି ଏକ ସୁନ୍ଦର ପଦକ୍ଷେପ ନେଇଛନ୍ତି ସୁପ୍ରିମ୍ କୋର୍ଟ।

## ବୀରତ୍ୱର ପରୀକ୍ଷା

ଭାରତର ମୋଗଲ୍ ସମ୍ରାଟ୍ ଆକବରଙ୍କ ରାଜ ଦରବାର। ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । ସେହି ଆକବର୍ ଯେ କି ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । କୁହାଯାଏ କି ଅଶୋକ୍ , ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବାଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ ବିଶ୍ୱାସ କରିପାରିଲେ ନାହିଁ । ଏ କ'ଣ ? ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ହୁଏତ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ଦୁଇ ରାଜପୁତ ପରସ୍ପର ସହିତ ଯୁଦ୍ଧରେ ଲହୁ ଲୁହାଣ ହୋଇଯାଇଥିଲେ। ମାନସିଂ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ କରାଇଥିଲେ ଏବଂ ପରେ ଆକବରଙ୍କୁ ସେମାନଙ୍କ ବୀରତ୍ୱ ବିଷୟରେ ଅବଶ୍ୟ ବୁଝାଇଥିଲେ।

# ଆଣ୍ଡାମାନର ଝାନ୍ସି ବୀରଙ୍ଗନା ଲିପା



ଦଶରଥ ହେମ୍ବ୍ରମ୍

ପୁଣ୍ୟଭୂମି ଭାରତକୁ ବାଣିଜ୍ୟ କାରବାର କରିବା ପାଇଁ ଇଂରେଜମାନେ ଆସି ଧୀରେ ଧୀରେ ରାଜନୈତିକ ବ୍ୟାପାରରେ ପ୍ରବେଶ କଲେ। ପରେ ସେମାନେ ଗୋଟିଏ ପରେ ଗୋଟିଏ ଭାରତର ଥିବା ଗଡ଼ଜାତ ଅଞ୍ଚଳ ତଥା ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକ ବ୍ରିଟିଶ ସାମ୍ରାଜ୍ୟଭୁକ୍ତ କଲେ। ତତ୍କାଳୀନ ରାଜ୍ୟର ରାଜା ତଥା ନବାବମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କଲେ। ସେମାନଙ୍କ ଦ୍ୱାରା ସ୍ଥାପିତ ଶାସନକୁ ଅବ୍ୟାହତ ରଖିବା ଏବଂ ତାକୁ ଉପଯୋଗ କରି କ୍ରମାଗତ ବୃଦ୍ଧି ପାଉଥିବା ଟିକସ/କର ଆଦାୟ କିପରି କରିବା, ସେନେଇ ଇଂରେଜମାନେ ଚିନ୍ତାବ୍ୟକ୍ତ କଲେ। ପରିଶେଷରେ ସେମାନେ ୧୭୭୨ ମସିହାଠାରୁ ଏକ ନୂତନ ପଦ୍ଧତି ନିୟମ ପ୍ରଚଳନ କରି ସେମାନେ ବହୁତ ଲାଭବାନ ହେଲେ। ଗଡ଼ଜାତ ଅଞ୍ଚଳ ସବୁ ଇଂରେଜ ଶାସନାଧୀନ ହେବାପରଠାରୁ ଇଂରେଜମାନେ ମନମୁଖୀ ଶାସନ ଆରମ୍ଭ କଲେ। ଭାରତୀୟ ଲୋକମାନଙ୍କ ପାଖରୁ ଅତ୍ୟଧିକ ଟିକସ ଆଦାୟ କରିବା, ମହିଳାମାନଙ୍କ ଉପରେ ଅମାନୁଷିକ ଅନ୍ୟାୟ- ଅତ୍ୟାଚାର କରିବା, ବେଠି କାମରେ ନିୟୋଜିତ କରିବା, ନ୍ୟାୟ ପ୍ରତିବଦଳରେ ଶୋଷଣ କରିବା, ନିର୍ଯ୍ୟାତନା ଦେବା ଭଳି ଅମାନୁଷିକ କାର୍ଯ୍ୟକଳାପ କ୍ରମାଗତ ବୃଦ୍ଧି ପାଇବା ବିରୁଦ୍ଧରେ ଇଂରେଜ ସହିତ ଯୁଦ୍ଧ କରିବା ପାଇଁ ଭାରତୀୟମାନେ ଘୋଷଣା କରିଥିଲେ। ଭାରତୀୟଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଆଉ ଇଂରେଜମାନଙ୍କ ବନ୍ଧୁକ ମଧ୍ୟରେ ଦୀର୍ଘ ବର୍ଷଧରି ସଂଘର୍ଷ ଜାରି ରହିଲା। କିନ୍ତୁ ଭାରତୀୟଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଆଗରେ ବନ୍ଧୁକର ପରାଜୟବରଣ ହୋଇ ପୁଣ୍ୟଭୂମି ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନ ହୋଇଥିଲା। ଏହି ସ୍ୱାଧୀନତା ଆନ୍ଦୋଳନରେ ଭାରତୀୟ ଆଦିବାସୀଙ୍କ ଭୂମିକା ଅବିସ୍ମରିଣୀୟ ଏବଂ ଚିରସ୍ମରିଣୀୟ। ତନ୍ମଧ୍ୟରୁ ଆଣ୍ଡାମାନ ନିକବର ଦୀପପୁଞ୍ଜରେ ଜନ୍ମ ଗ୍ରହଣ କରିଥିବା ଆଦିବାସୀ ବୀରଙ୍ଗନା ଲିପାଙ୍କ ଭୂମିକା ଅନ୍ୟତମ। ଗ୍ରେଟ୍ ଆଣ୍ଡାମାନିଜ୍ ଜନଜାତିର ଜଣେ ସାହସୀ ଆଦିବାସୀ ମହିଳା ଭାବେ ସେ ପରିଚିତ।

୧୮୫୫ରେ ଇଂରେଜ ସରକାର ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଏକ କଏଦୀ କାରାଗାର ପ୍ରତିଷ୍ଠା ସମେତ ଆଉ ଏକ ବସତି ସ୍ଥାପନ ପ୍ରସ୍ତାବ ଦେଇଥିଲେ। ସେହି ସମୟରେ ଅର୍ଥାତ ୧୮୫୫ ରୁ ୧୮୫୭ରେ ପ୍ରମୁଖ ଭାରତୀୟ ବିଦ୍ରୋହ ତଥା ସାନ୍ତାଳ ଏବଂ ସିପାହି ବିଦ୍ରୋହ ପାଇଁ ଏହାର ନିର୍ମାଣରେ ବିଳମ୍ବ ହେବାର ମୁଖ୍ୟ କାରଣ ହୋଇଥିଲା। ତଥାପି, ବିଦ୍ରୋହ ସତ୍ତ୍ୱେ ଇଂରେଜମାନେ କାରାଗାର ଏବଂ ବସତି ନିର୍ମାଣ କରି ସେଠାରେ ବହୁସଂଖ୍ୟକ କଏଦୀଙ୍କୁ ଧରି ରଖିଲେ। କିନ୍ତୁ ସେଠାରେ ନିର୍ମିତ ଏକ ନୂତନ ଆଣ୍ଡାମାନ ବସତି ସ୍ଥାପନ ଏବଂ ଜେଲର ବିକାଶ ନେଇ ଅନେକ ଆବଶ୍ୟକତା ରହିଛି ବୋଲି ଇଂରେଜ ବିଚାରକୁ ନେଲେ। ବନ୍ଦୀ କରାଯାଇଥିବା କଏଦୀମାନଙ୍କୁ ନେଇ ଇଂରେଜମାନେ ଆଣ୍ଡାମାନ ଦୀପପୁଞ୍ଜରେ ଥିବା ଜଙ୍ଗଲକୁ କାଟି ସଫା କରିବା ପାଇଁ ଆଦେଶ ଜାରି କରାଗଲା। ୧୮୫୮ ମସିହା ମାର୍ଚ୍ଚ ୧୦ ତାରିଖରେ କଏଦୀମାନଙ୍କୁ ନେଇ ଆଣ୍ଡାମାନ ଦ୍ୱୀପରେ ଥିବା ରସ୍ ଦ୍ୱୀପର ଘନ ଜଙ୍ଗଲ ସଫା କରିବା, ନିଜସ୍ୱ ଆଶ୍ରୟସ୍ଥଳ ଏବଂ ଅନ୍ୟାନ୍ୟ କୋଠା ନିର୍ମାଣ କରିବା ତଥା ରାସ୍ତା ବିଛାଇବାରେ ସେମାନଙ୍କୁ ନିୟୋଜିତ କରାଗଲା। ସ୍ଥାନୀୟ ଆଦିବାସୀମାନେ ଏହାକୁ ତୀବ୍ର ବିରୋଧ କରିବା ଆରମ୍ଭ କରିଥିଲେ। ଇଂରେଜମାନଙ୍କ ଦ୍ୱାରା ଆଣ୍ଡାମାନରେ ଦଣ୍ଡବିଧାନ କାରାଗାର ନିର୍ମାଣ ଓ ବସତି ସ୍ଥାପନ ହେବା ପରଠାରୁ ମହାନ ଆଣ୍ଡାମାନୀ ଆଦିବାସୀଙ୍କ ଦ୍ୱାରା ବ୍ରିଟିଶମାନେ ଆକ୍ରମଣର ସମ୍ମୁଖୀନ ହୋଇ ୧୭ ମଇ ୧୮୫୯ରେ 'ଆବରଡିନ୍ ଯୁଦ୍ଧ ଶୀର୍ଷରେ ପହଞ୍ଚିଥିଲା। ଏହି ଯୁଦ୍ଧର ନେତୃତ୍ୱ ନେଇଥିଲେ ବୀରାଙ୍ଗନା ଲୀପା, ଯିଏକି ଗ୍ରେଟ୍ ଆଣ୍ଡାମାନିଜ୍ ଜନଜାତିର ଜଣେ ଅଦମ୍ୟ ସାହସୀ ଆଦିବାସୀ ମହିଳା ଭାବରେ ପରିଚିତ।

ଆଣ୍ଡାମାନ ଦୀପପୁଞ୍ଜରେ ଥିବା ଆଦିବାସୀମାନେ ବୀରଙ୍ଗନା ଲିପାଙ୍କୁ ଜନନାୟକ ଭାବେ ଦେଖୁଥିଲେ। ତାଙ୍କର ନିଷ୍ପତ୍ତି ଏବଂ ସଂଗଠନର ଦାୟିତ୍ୱ ନିଖୁଣ ତଥା ବଳିଷ୍ଠ ଭାବେ ସେ ନିର୍ବାହ କରୁଥିଲେ। ବୀରାଙ୍ଗନା ଲିପାଙ୍କ ନେତୃତ୍ୱରେ ଆଦିବାସୀଙ୍କ ବିଭିନ୍ନ ସାମାଜିକ କଲ୍ୟାଣ ତଥା ଉନ୍ନୟନ କାର୍ଯ୍ୟ ମଧ୍ୟ ତରାନ୍ୱିତ ହୋଇଛି। ବୀରଙ୍ଗନା ଲିପା କେବଳ ଯେ ଜଣେ ପ୍ରତାପୀ ସଂଗ୍ରାମୀ ଥିଲେ ତାହା ନୁହଁ ଜଣେ ମହାନ ଆତ୍ମୀୟ ମହିଳା ମଧ୍ୟ। ତାଙ୍କର ଏହିସବୁ ଗୁଣ ପାଇଁ ଆଣ୍ଡାମାନ ଆଦିବାସୀମାନେ ତାଙ୍କୁ ଦୁର୍ଗାଙ୍କ ପ୍ରତିମା ଭାବି ପୂଜା କରୁଥିଲେ। କିନ୍ତୁ ବୀରଙ୍ଗନା ଲିପାଙ୍କ ଜୀବନରେ ପଳାତକ ଇଂରେଜ ସୈନିକ ଚାଟୁକାର ଦୁଧନାଥ ତିୱାରୀ ଆସିବା ପରେ ସବୁକିଛି ଓଲଟ ପାଲଟ ହୋଇଯାଇଥିଲା। ତାଙ୍କ ସ୍ୱାମୀଙ୍କୁ ଆଖିବୁଜି ବିଶ୍ୱାସ କରିବା ଏବଂ ଅନ୍ଧ ଭାବେ ଭଲ ପାଇବାର କରୁଣ ପରିଣତି ଯୋଗୁଁ ଶେଷରେ ଆଦିବାସୀ ବୀରଙ୍ଗନା ଲିପାଙ୍କ ଇଂରେଜ ଗୁଳିରେ ସହିଦ ହୋଇଥିଲେ। ତାଙ୍କ ସ୍ୱାମୀ ଇଂରେଜ ଚାଟୁକାର ଦୁଧନାଥ ତିୱାରୀଙ୍କ ବିଶ୍ୱାସଘାତକତା କରିବାଦ୍ୱାରା ବୀରଙ୍ଗନା ଲିପାଙ୍କ ଜୀବନ ଯିବା ସହିତ ପେଟରେ ବଢୁଥିବା ଛୁଆର ଜୀବନ ମଧ୍ୟ ହାରିବାକୁ ପଡ଼ିଥିଲା। ଏହାବ୍ୟତିତ୍ୱ ଆଣ୍ଡାମାନ ଦୀପରେ ରହୁଥିବା ଅନେକ ଆଦିବାସୀଙ୍କ ଜୀବନ ମଧ୍ୟ ଇଂରେଜ ଗୁଳିରେ ଟଳି ଯାଇ ସହିଦ ହୋଇଥିଲେ। ୧୮୫୭ର ଦୁଧନାଥ ତିୱାରୀ ଜଣେ ପଳାତକ କଏଦୀ ଥିଲେ, ଯିଏକି ୨୩ ଏପ୍ରିଲ ୧୮୫୮ରେ ରସ୍ ଦ୍ୱୀପରୁ ଅନ୍ୟ ୯୦ ଜଣଙ୍କ ସହିତ ପଳାଇ ଆସିଥିଲେ। ଆଦିବାସୀମାନେ ତାଙ୍କୁ ଦୟା ଦେଖାଇ ତାଙ୍କ ସହିତ ରହିବାକୁ ଦେଲେ। ଦୁଧନାଥ ତିୱାରୀ ନିଜକୁ ଆଦିବାସୀଙ୍କ ପାଖରେ ସ୍ୱାଧୀନତା ସଂଗ୍ରାମୀର ପରିଚୟ ଦେଇଥିଲେ। ତାଙ୍କ କଥାକୁ ସମ୍ମାନ ଦେଇ ଦୁଧନାଥ ତିୱାରୀଙ୍କୁ ଆଦିବାସୀମାନଙ୍କ ସହିତ ରହିବାକୁ ଅନୁମତି ଦିଆଗଲା। ଏହି ସମୟ ମଧ୍ୟରେ ଆଦିବାସୀ ଗାଁରେ ରହୁଥିବା ସିଂହୀ ଭଳି ସାହସୀ ଝିଅ ଲିପା ସହିତ ଦୁଧନାଥ ତିୱାରୀଙ୍କ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ଆଦିବାସୀ ରୀତିନୀତି ପରମ୍ପରା ଅନୁସାରେ ଦୁହେଁ ବାହା ମଧ୍ୟ ହୋଇଗଲେ। କିଛି ମାସ ପରେ ଲିପା ଗର୍ଭଧାରଣ କଲେ। ଦୁଧନାଥ ତିୱାରୀ ଏହା ଜାଣି ଖୁବ ଖୁସି ହେଲେ, ଲିପା ଆଉ ଇଂରେଜ ସହିତ ଲଢ଼ିବା ଅସମର୍ଥ ହେବେ, ଏଥର ଆଦିବାସୀମାନଙ୍କ

ପରାଜୟ ହେବା ସୁନଶ୍ଚିତ ବୋଲି ଇଂରେଜ ସୈନିକ ଦୁଧନାଥ ତିୱାରୀ ନିଶ୍ଚିତ ହେଲେ। ଆଦିବାସୀ ବୀରାଙ୍ଗନା ଲିପାର ଗର୍ଭବତୀ ହେବା, ୧୬ ମଇ ଅପରାହ୍ନରେ ଆଦିବାସୀଙ୍କ

ଦୁଇଟି ଦଳ ଆବରଡିନ୍ ଠାରୁ ଦୁଇ ମାଇଲ୍ ଦୂରରେ ପହଞ୍ଚି ରାତିରେ ସେଠାରେ ରହଣି ଏବଂ ପରଦିନ ସକାଳେ ଆଦିବାସୀମାନେ କାରାଗାର ବସତି ସ୍ଥାପନ ଉପରେ ଆକ୍ରମଣ କରିବା ସୂଚନା ବ୍ରିଟିଶ ଅଧିକାରୀଙ୍କୁ ଜଣାଇବା ପାଇଁ ଦୁଧନାଥ ତିୱାରୀ ରାତି ଭୋର୍ ଭୋର୍ ଯେତେବେଳେ ଲୋକମାନେ ଶୋଇଥିଲେ, ସେତେବେଳେ ଆଦିବାସୀ ଶିବିର ଛାଡ଼ି

ପଳେଇ ଆସିଥିଲେ। ଦୁଧନାଥ ତିୱାରୀ ପ୍ରାୟ ୨ଟା ସମୟରେ ଆବରଡିନରେ ପହଞ୍ଚି କର୍ତ୍ତୃପକ୍ଷଙ୍କୁ ଜଣାଇଲେ। ଦଣ୍ଡ ବନ୍ଦୋବସ୍ତ ଅଧିକ୍ଷକ ଡକ୍ଟର ଜେ.ପି. ୱାଲକର ତୁରନ୍ତ ପ୍ରତିରକ୍ଷା ପାଇଁ ବ୍ୟବସ୍ଥା କରିଥିଲେ। କିନ୍ତୁ ସେ ତାଙ୍କର ଯୋଜନା ସମାପ୍ତ କରିବା ପୂର୍ବରୁ, ଆଦିବାସୀମାନେ ୧୮୫୯ ମସିହା ୧୭ ମଇ ଦିନ ଭୋରରୁ ଆକ୍ରମଣ ଆରମ୍ଭ କରିଥିଲେ। ଆକ୍ରମଣ ବିଷୟରେ ଦୁଧନାଥ ତିୱାରୀ ବ୍ରିଟିଶମାନଙ୍କୁ ସୂଚନା ଦେବା ଓ ବିଶ୍ୱାସଘାତକତା ଯୋଗୁଁ ଆଦିବାସୀ ଜାରୱା ଯୋଦ୍ଧାମାନେ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲେ। ଗର୍ଭବତୀ ଲିପା ତାଙ୍କ ମାତୃଭୂମିକୁ ରକ୍ଷା କରିବା ପାଇଁ ନିଜ ଜୀବନ ବଳିଦାନ ଦେଲେ। ଏହି ଯୁଦ୍ଧରେ ଅଳ୍ପ ସଂଖ୍ୟକ ଆଣ୍ଡାମାନିଜ୍‌ଙ୍କ ମୃତ୍ୟୁ ହୋଇଥିଲା। ପାଖାପାଖି ୧୫ ହଜାର ଆଣ୍ଡାମାନୀମାନେ ଇଂରେଜ ବିରୁଦ୍ଧରେ ଲଢ଼ିଥିଲେ। ବିଶ୍ୱାସଘାତକ ଦୁଧନାଥ ତିୱାରୀଙ୍କ ବିରୁଦ୍ଧରେ ଲଢ଼ିବା ସମୟରେ ତାଙ୍କ ଗର୍ଭସ୍ଥ ସନ୍ତାନକୁ ବଳିଦାନ ଦେଇଥିବାରୁ ତାଙ୍କୁ 'ଜନଜାତୀୟ ନାୟକ (ଜନଜାତିୟ ନେତା/ନାୟକ) ଭାବରେ ସ୍ୱୀକୃତି ଦିଆଯାଇଛି। ୧୮୫୯ ମସିହାର ବ୍ୟାପକ ଆଦିବାସୀ ପ୍ରତିରୋଧ ସହିତ ଆଦିବାସୀ ବୀରଙ୍ଗନା ଲିପାଙ୍କ କାହାଣୀ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ଉପନିବେଶ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ବାଲେଶ୍ୱର, ମୋ-
୯୩୩୭୪୦୪୨୫୪

# ସମାଜରେ ଭୟ, ପ୍ରଗତିକୁ ବାଧା ଦିଏ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆଜିର ଦ୍ରୁତ ଗତିଶୀଳ ଦୁନିଆରେ, ଏକ ଅଦୃଶ୍ୟ ଶତ୍ରୁ ମାନବଜାତିକୁ କବଳିତ କରିଛି ତାହା ହେଉଛି ଭୟ। ଏହା କେବଳ ଏକ ଭାବନା ନୁହେଁ, ବରଂ ଆଧୁନିକ ଜୀବନର ସବୁଠାରୁ ବଡ଼ ଚାପ ପାଲଟିଛି। ଏହି ଭୟ, ଆମ ଅବଚେତନ ମନରେ ଗଭୀର ଭାବରେ ଲୁଚି ରହିଥାଏ, ଯେତେବେଳେ ଆମେ ଆମର ସମ୍ପତ୍ତି, ପ୍ରତିଷ୍ଠା, ପ୍ରିୟଜନ କିମ୍ବା ନିଜ ଜୀବନ ପ୍ରତି ବିପଦ ଅନୁଭବ କରୁ। ବିଡ଼ମ୍ବନାର ବିଷୟ ହେଉଛି, ବୈଜ୍ଞାନିକ ପ୍ରଗତି ଆମକୁ ଅଗଣିତ ଆରାମ ଏବଂ ସୁବିଧା ଦେଇଛି, କିନ୍ତୁ ଏହା ଅସୁରକ୍ଷାର ଏକ ଗଭୀର ଖାତ ମଧ୍ୟ ଖୋଲି ଦେଇଛି ଯାହା ଉପରେ ସମାଧାନର ପୋଲ କରିବା କ୍ରମଶଃ କଷ୍ଟକର ହେଉଛି। ଜୀବନରେ ମରଣ ଭୟ ମନୁଷ୍ୟକୁ ଆଗକୁ ନେବାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଥାଏ। କଥାରେ କୁହାଯାଏ ଯେ 'ମରଣ ଭୟ ମୃତ୍ୟୁଠାରୁ ମଧ୍ୟ ଖରାପ।' ଆଜିର ଯନ୍ତ୍ର ଯୁଗରେ ହିଂସା ଏବଂ ଅନିଶ୍ଚିତତା ଏତେ ବୃଦ୍ଧି ପାଇଛି ଯେ ମୃତ୍ୟୁ କେବଳ ଏକ 'ଅଯଥା ମୁହୂର୍ତ୍ତ' ଦୂରରେ ମନେହୁଏ। ଯେତେବେଳେ ଆମେ ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କୁ ହରାଇଥାଉ, ଆମେ ଏହାକୁ 'ଭାଗ୍ୟ' ବୋଲି କହି ନିଜକୁ ସାନ୍ତ୍ୱନା ଦେଉ। କିନ୍ତୁ ଯେତେବେଳେ ନିର୍ଦ୍ଦୋଷ ଲୋକମାନେ ମାନବୀୟ ନିଷ୍ଠୁରତା କିମ୍ବା ଆତଙ୍କବାଦୀ କାର୍ଯ୍ୟର ଶିକାର ହୁଅନ୍ତି, ସେତେବେଳେ ମାନବତା ଉପରେ ଆମର ବିଶ୍ୱାସ ଟଳମଳ ହେବାକୁ ଲାଗେ। ଏହି ଅସୁରକ୍ଷା ଭାବନା ଆମ ଭିତରେ ଏକ ନିରନ୍ତର ଭୟକୁ ଜନ୍ମ ଦିଏ, ଯାହା ଆମକୁ ଭିତରୁ ଖୋଳା କରୁଛି।

ଚିକିତ୍ସା ବିଜ୍ଞାନ ଶାରୀରିକ ରୋଗର ଚିକିତ୍ସା କରିପାରେ, କିନ୍ତୁ ଭୟ ହେଉଛି 'ଆତ୍ମାର ରୋଗ'। ଏହାର ସମାଧାନ ଆଧାତ୍ମିକ ଭାବରେ ନିହିତ। ପ୍ରଥମେ, ଆମକୁ ଆମର ଚିନ୍ତାଧାରାକୁ ବଦଳାଇବାକୁ ପଡିବ। ଭୟ ଆମକୁ ମାନସିକ ଭାବରେ ପଙ୍ଗୁ କରିଦିଏ। କପୋତର ଉଦାହରଣ ଏହା ବୁଝିବା ପାଇଁ ଉପଯୁକ୍ତ - ଏକ କପୋତ ଯାହା ବିଲେଇ ଆସିବାକୁ ଦେଖି ଭୟରେ ଆଖି ବନ୍ଦ କରିଦିଏ, ନିଜକୁ ସୁରକ୍ଷିତ ମନେ କରେ, କିନ୍ତୁ ବାସ୍ତବରେ, ସେ ନିଜର କ୍ଷୟକ୍ଷତିକୁ ବନ୍ଦ କରିଦିଏ। ଜୀବନର ଚ୍ୟାଲେଞ୍ଜରୁ ଦୂରେଇ ଯିବା କିମ୍ବା ଭୟରେ ଆଖି ବନ୍ଦ କରିଦେବା ସମାଧାନ ନୁହେଁ। ଯଦି ଜଣେ ଛାତ୍ର ଭୟ ଯୋଗୁଁ ପରୀକ୍ଷାକୁ ଏଡାଇ ଦିଏ, ତେବେ ସେ କେବେବି ଆଗକୁ ବଢ଼ିପାରିବ ନାହିଁ। ସେହିପରି, ଜୀବନର ପ୍ରତ୍ୟେକ କଷ୍ଟକର ପରୀକ୍ଷା ଆମକୁ ଅଧିକ ଶକ୍ତିଶାଳୀ ଏବଂ ପରିପକ୍ୱ କରିବା ପାଇଁ ଆସେ। ଆମକୁ ପ୍ରତିକୂଳତାକୁ ସଙ୍କଟ ଅପେକ୍ଷା ଶିଖିବାର ସୁଯୋଗ ଭାବରେ ଦେଖିବା ଆରମ୍ଭ କରିବାକୁ ପଡିବ। ମୃତ୍ୟୁ ଏକ ଚିରନ୍ତନ ସତ୍ୟ ଏହାକୁ ଆମକୁ ସବୁବେଳେ ମାନି ନେବାକୁ ପଡ଼ିବ। ଭୟର ମୂଳ ହେଉଛି ସବୁଠାରୁ ବଡ଼ ଭ୍ରମ ହେଉଛି ଏହି ନଶ୍ୱର ଶରୀର ସହିତ ନିଜକୁ ଯୋଡ଼ିବା। ଭଗବଦ୍ ଗୀତାର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି 'ଆମେ ଶରୀର ନୁହେଁ, ବରଂ ଅମର ଆତ୍ମା।' ଯେପରି ଆମେ ପୁରୁଣା ପୋଷାକ ପରିତ୍ୟାଗ କରି ନୂତନ ପୋଷାକ ପିନ୍ଧିଥାଉ, ସେହିପରି ଆତ୍ମା, ଏକ ଭୂମିକା ଗ୍ରହଣ କରିବା ପରେ, ଏହି ଶରୀର ଛାଡି ଏକ ନୂତନ ଯାତ୍ରା ଆରମ୍ଭ କରେ। ମୃତ୍ୟୁ ଶେଷ ନୁହେଁ, ବରଂ କେବଳ ଏକ ପ୍ରସ୍ଥାନ। ଯେତେବେଳେ ଆମେ ଧ୍ୟାନ ଏବଂ ଆତ୍ମ ପ୍ରତିଫଳନ ମାଧ୍ୟମରେ ଏହି ସତ୍ୟକୁ ଅନ୍ତର୍ନିହିତ କରୁ, ମୃତ୍ୟୁର ଭୟ ଧୀରେ ଧୀରେ ଦୂର ହେବା ଆରମ୍ଭ କରେ। ଯେତେବେଳେ ଜଣେ ଆତ୍ମ-ଚେତନାରେ ଅବସ୍ଥିତ ହୁଏ, ସେତେବେଳେ ଜଣେ ଅନୁଭବ କରେ ଯେ ଯାହା 'ଅବିନାଶୀ' ତାହା ଅସ୍ତ୍ର ଦ୍ୱାରା କାଟିପାରିବ ନାହିଁ ଏବଂ ଅଗ୍ନି ଦ୍ୱାରା ପୋଡ଼ିପାରିବ ନାହିଁ।

ଭୟ ସିଧାସଳଖ ଆମର କାର୍ଯ୍ୟ ସହିତ ଜଡିତ। ଯଦିଓ ଭୟ ଭବିଷ୍ୟତ ବିଷୟରେ, ଏହାର ମୂଳ ଆମର ଅତୀତ କାର୍ଯ୍ୟରେ ରହିଛି। 'ଯେପରି ବୁଣ, ସେହିପରି ଅମଳ କରିବ' - ଏହା ଏକ ମହାଜାଗତିକ ନିୟମ। ଆମେ ପ୍ରାୟତଃ କିଛି ଲୋକଙ୍କୁ ଅନ୍ଧାର, ପାଣି କିମ୍ବା ଏକାକୀତା ପ୍ରତି ଅହେତୁକ ଭାବରେ ଭୟ କରୁଥିବାର ଦେଖୁ। ଏହି 'ଭୟ'ଗୁଡ଼ିକ ପ୍ରାୟତଃ ଆମର ପୂର୍ବ ଜୀବନ କିମ୍ବା ଏହି ଜୀବନର ତିକ୍ତ ଅଭିଜ୍ଞତା ଏବଂ ଭୁଲର ଫଳାଫଳ। ଆମର ନକାରାତ୍ମକ କାର୍ଯ୍ୟଗୁଡ଼ିକ, ବଡ଼ ହେଉ କି ଛୋଟ, ଭବିଷ୍ୟତ ବିଷୟରେ ଭୟ ସୃଷ୍ଟି କରି ଆମକୁ ଭୟଭୀତ କରେ। ତେଣୁ, ନିର୍ଭୀରତାର ସରଳ ପଥ ହେଉଛି ଏକ ପୁଣ୍ୟ ଏବଂ ପାପମୁକ୍ତ ଜୀବନଯାପନ କରିବା। ଜୀବନରେ ସାହାସ ସଫଳତାର ପ୍ରତୀକ ଓ ସମସ୍ତ କ୍ଷେତ୍ରରେ ପ୍ରେରଣାର ଉତ୍ସ। ଭାରତୀୟ ସଂସ୍କୃତି ଏବଂ ପୌରାଣିକ କାହାଣୀ ସାହସର ଉଲ୍ଲେଖନୀୟ ଉଦାହରଣରେ ପରିପୂର୍ଣ୍ଣ। ସେ ଅଙ୍ଗଦ, ଯିଏ ନିର୍ଭୀକ ଭାବରେ ରାବଣଙ୍କ ଦରବାରରେ ନିଜ ଭୂମିରେ ଠିଆ ହୋଇଥିଲେ, କିମ୍ବା ସିଂହ ଉପରେ ଚଢ଼ି ଶକ୍ତିର ଦେବୀ ଦେବୀ ଦୁର୍ଗା, - ସେମାନେ ସମସ୍ତେ ଆମକୁ ଶିକ୍ଷା ଦିଅନ୍ତି ଯେ ଆନ୍ତରିକ ଶକ୍ତି ମାଧ୍ୟମରେ ଯେକୌଣସି ଆସୁରିକ ଶକ୍ତିକୁ ପରାସ୍ତ କରାଯାଇପାରିବ। ଲୋକମାନ୍ୟ ତିଲକଙ୍କ ପରି ମହାପୁରୁଷ ଏବଂ ଅଗଣିତ ସହିଦ, ଏହି ଆଧାତ୍ମିକ ଶକ୍ତି ପାଇଁ, ସବୁଠାରୁ ଭୟଙ୍କର ପ୍ରତିବନ୍ଧକ ଏବଂ ମୃତ୍ୟୁକୁ ମଧ୍ୟ ହସି ହସି ଆଲିଙ୍ଗନ କରିଥିଲେ। ଭୟକୁ ଦୂର କରିବା ପାଇଁ ଆଚରଣଗତ ପରିବର୍ତ୍ତନ ଏବଂ କାର୍ଯ୍ୟର ଶୁଦ୍ଧିକରଣ ଉଭୟ ଅତ୍ୟାବଶ୍ୟକ। ଯେତେବେଳେ ଆମେ ଶାନ୍ତ ମନରେ ପରିସ୍ଥିତିର ସାମ୍ନା କରିବା ଅଭ୍ୟାସ କରୁ, ସେତେବେଳେ ଆମ ଭିତରେ ସାହସ ଜାଗ୍ରତ ହୁଏ। ଭୟକୁ ପରାସ୍ତ କରିବାର ଏକମାତ୍ର ଉପାୟ ହେଉଛି ଏହାର ସମ୍ମୁଖରେ ଦୃଢ଼ ଭାବରେ ଠିଆ ହେବା ଏବଂ ମନେ ରଖିବା ଯେ ଆମେ ପରମ ପିତା, ପରମ ପୁରୁଷଙ୍କ ସନ୍ତାନ, ଯିଏ ସ୍ୱୟଂ 'ଅଭୟ'। ଯେତେବେଳେ ଆମେ ଶରୀର ପ୍ରତି ଆସକ୍ତିରୁ ଉପରକୁ ଉଠି ଆତ୍ମାର ଅନନ୍ତ ଯାତ୍ରାରେ ବିଶ୍ୱାସ କରିବା ଆରମ୍ଭ କରିବୁ, ଜଗତର କୌଣସି ଭୟ ଆମକୁ ବିଚଳିତ କରିପାରିବ ନାହିଁ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# ପୂଜା ବିଧିର ନଅଟି ଧାରା

ପଣ୍ଡିତ ସୋମନାଥ ଦାଶ

ଭାଗବତରେ ପୂଜାର ନଅଟି ଧାରା ସଂପର୍କରେ ଯାହା ବର୍ଣ୍ଣନା କରାଯାଇଛି ତାହାକୁ ଅନୁସରଣ କରିବା ଉପରେ ଶିରିଡ଼ି ସାଇବାବା ପ୍ରାଧାନ୍ୟ ଦେଇଛନ୍ତି। ନବଧାଭକ୍ତି ବିନା ଈଶ୍ୱର ପ୍ରାପ୍ତି ଅସମ୍ଭବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଶ୍ରବଣ : ଏହି ନବଧା ଭକ୍ତି ବା ଧାରାର ପ୍ରଥମ ଧାରା ହେଉଛି ଶ୍ରବଣ। ଅର୍ଥାତ୍ ଈଶ୍ୱରଙ୍କ ସଂପର୍କରେ ତାଙ୍କର ଅବତାର ସଂପର୍କରେ ଏବଂ ସାଧୁସନ୍ଥଙ୍କ ସଂପର୍କରେ ଶୁଣିବା ଉଚିତ।

କୀର୍ତ୍ତନ : ଦ୍ୱିତୀୟଟି ହେଉଛି କୀର୍ତ୍ତନ। ଏଥିରେ ବାରମ୍ବାର ଈଶ୍ୱରଙ୍କ ନାମ ଜପ କରିବା। ଏହା ଜଣେ କରିପାରେ କିମ୍ବା ସମୂହ ଭାବେ ଜପ ମଧ୍ୟ କରାଯାଇପାରେ।

ସ୍ମରଣ : ତୃତୀୟଟି ହେଉଛି ସ୍ମରଣ। ଏଥିରେ ଶୟନେ ସ୍ୱପନେ ଏବଂ ଜାଗରଣେ ଈଶ୍ୱରଙ୍କ ନାମ ସ୍ମରଣ କରିବାକୁ ପଡ଼ିବ।

ସେବା : ଚତୁର୍ଥ ହେଉଛି ପାଦ ସେବା। ସନ୍ଥଙ୍କ ପାଦ ତଳେ ଲୋଟିଯିବା ଏବଂ ତାଙ୍କ ପାଦ ତଳେ ବସିରହି ତାଙ୍କର ସେବା କରିବା।

ଅର୍ଚ୍ଚନା : ପଞ୍ଚମ ଧାରା ହେଉଛି ଅର୍ଚ୍ଚନା। ଏଥିରେ ଠାକୁରଙ୍କୁ ଫୁଲ, ତୁଳସୀ ବା ବେଲପତ୍ର ଆଦି ଷୋଳ ଉପଚାର ସହ ପୂଜା କରିବା।

ବନ୍ଦନା : ଷଷ୍ଠ ଧାରା ହେଉଛି ବନ୍ଦନା। ଈଶ୍ୱର ବା ସାଧୁଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କର ପ୍ରାର୍ଥନା କରିବା।

ଦାସ୍ୟ : ସପ୍ତମ ହେଉଛି ଦାସ୍ୟ। ଏଥିରେ ଈଶ୍ୱରଙ୍କ ପାଇଁ ସବୁ କାର୍ଯ୍ୟ କରିବା। ଏହା କଲାବେଳେ ସାମାନ୍ୟ କୁଣ୍ଠାବୋଧ ଭାବ ମନରେ ରହିବା ଉଚିତ ନୁହେଁ।

ସାଖ୍ୟ : ଅଷ୍ଟମଟି ହେଉଛି ସାଖ୍ୟ। ସବୁବେଳେ ଈଶ୍ୱର ବା ସାଧୁଙ୍କ ପାଖରେ ବନ୍ଧୁଭାବେ ରହିବାକୁ କୁହାଯାଏ।

ସମର୍ପଣ : ନବମ ଧାରା ହେଉଛି ସମର୍ପଣ ବା ଆତ୍ମ ନିବେଦନ। ଅର୍ଥାତ୍ ଈଶ୍ୱର ବା ସଦ୍‌ଗୁରୁଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିବା। ଏଥିସହିତ ଏ ଜୀବନ ହେଉଛି ଈଶ୍ୱରଙ୍କର ଆଶୀର୍ବାଦ ବୋଲି ବିବେଚନା କରିବା।

ଈଶ୍ୱରଙ୍କୁ ଟଙ୍କା ସୁନା ଦେଇ ଭକ୍ତି କ୍ରୟ କରାଯାଇପାରିବ ନାହିଁ କିମ୍ବା ପୁସ୍ତକ ଅଧ୍ୟୟନ କରିଦେଲେ ବା ବୟସ ହୋଇଗଲେ ଭକ୍ତି ପ୍ରାପ୍ତି ହୋଇପାରିବ ନାହିଁ। କେବଳ ଭକ୍ତି ଦ୍ୱାରା ଈଶ୍ୱରଙ୍କୁ ପାଇ ହେବ ଏବଂ ଭକ୍ତିର ଡୋରିରେ ତାଙ୍କୁ ବାନ୍ଧି ହେବ। ସେଥିପାଇଁ ପ୍ରଭୁ ପରା କହିଛନ୍ତି ଭକ୍ତି ରଜ୍ଜୁରେ ମୁଁ ବନ୍ଧା। ଗଜେନ୍ଦ୍ରକୁ ମହାବିଷ୍ଣୁ କୁମ୍ଭୀର ମୁଖରୁ ରକ୍ଷା କରିବା ସହିତ ମୋକ୍ଷ ପ୍ରଦାନ କଲେ। ତାଙ୍କର କୌଣସି ଶିକ୍ଷା ନଥିଲା। କୁରୁ ରାଜଙ୍କର ଛପନ ଭୋଗକୁ ପଛରେ ପକାଇଦେଇ ପ୍ରଭୁ ପରା ଦାସ ବିଦୁରଙ୍କ ଘରେ ଶାଗ ଭାତ ଖାଇଲେ। ଯାଦବଙ୍କ ରାଜା ଉଗ୍ରସେନ ଥିଲେ ମହାଭୀରୁ। ତାଙ୍କୁ ପ୍ରଭୁ ନିଶାର୍ଦ୍ଧରେ ଦର୍ଶନ ଦେଇ ମୋକ୍ଷ କଲେ। ସେହିପରି ଅସୁନ୍ଦରୀ କୁବୁଜାକୁ ପ୍ରଭୁ ଦର୍ଶନ ଦେଇଥିଲେ। ସୁଦାମାଙ୍କୁ ଦ୍ୱାରିକାଧିପତି ତାଙ୍କୁ ନିଜ ସିଂହାସନରେ ବସାଇ ତାଙ୍କର ପାଦସେବା କଲେ। କେବଳ ପ୍ରଭୁଙ୍କ ପ୍ରତି ଅଖଣ୍ଡ ଭକ୍ତି ଯୋଗୁଁ ସେମାନେ ପରମାତ୍ମାଙ୍କ ଦର୍ଶନ ପାଇବାର ସୁଯୋଗ ପାଇଥିଲେ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ, ଦୂରଭାଷ : ୭୦୦୮୦୦୦୮୯୮

ପ୍ରତିଶବ୍ଦ TV
ଭୁବନେଶ୍ୱର, ୪ ଜୁନ୍ ୨୦୨୬

# ବର୍ଷ ବର୍ଷର ସେବା ପରେ ଛଟେଇ !

## ନ୍ୟାୟ ପାଇଁ ସିଆରପିଙ୍କ ଗୁହାରି
## ଶ୍ରୀଅନ୍ନ ଅଭିଯାନରୁ ସିଆରପିଙ୍କ ଛଟେଇ, ପୁନର୍ବିଚାର ଦାବି



**କୋରାପୁଟ,୩।୬ :** ଶ୍ରୀ ଅନ୍ନ ଅଭିଯାନରେ କାର୍ଯ୍ୟରତ କମ୍ୟୁନିଟି ରିସୋର୍ସ ପର୍ସନ (ସିଆରପି) ମାନଙ୍କୁ ହଠାତ୍ କାର୍ଯ୍ୟରୁ ବାଦ ଦିଆଯାଇଥିବା ଅଭିଯୋଗ ଉଠିଛି। ଏନେଇ କୋରାପୁଟ ଜିଲ୍ଲାର ସିଆରପିମାନେ ପ୍ରଶାସନଙ୍କ ନିକଟରେ ନିବେଦନ କରି ଛଟେଇ ନିଷ୍ପତ୍ତିର ପୁନର୍ବିଚାର ଦାବି କରିଛନ୍ତି। ସିଆରପିମାନଙ୍କ କହିବା ଅନୁସାରେ, ଓଡ଼ିଶା ମିଲେଟ୍ ମିଶନର ପ୍ରାରମ୍ଭିକ ପର୍ଯ୍ୟାୟରୁ ସେମାନେ ଗ୍ରାମାଞ୍ଚଳରେ ଚାଷୀମାନଙ୍କୁ ମିଲେଟ୍ ଚାଷର ପ୍ରୋତ୍ସାହନ, ବୈଜ୍ଞାନିକ କୃଷି ପଦ୍ଧତିର ପ୍ରଚାର ଓ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ସହଯୋଗ କରିଆସୁଛନ୍ତି। ସେମାନଙ୍କ ମତରେ, ଗ୍ରାମସ୍ତରରେ ଚାଷୀଙ୍କ ସହ ସମନ୍ୱୟ ରକ୍ଷା କରି ଅଭିଯାନର ସଫଳତାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ତେବେ କୌଣସି ପୂର୍ବ ସୂଚନା ବିନା ସେମାନଙ୍କୁ କାର୍ଯ୍ୟରୁ ବାଦ ଦିଆଯିବା ଅନ୍ୟାୟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଭିଯାନର ଅବଧି ଶେଷ ହେବାକୁ ଆହୁରି ଏକ ବର୍ଷ ବାକି ଥିବାବେଳେ ଏପରି ନିଷ୍ପତ୍ତି ଅନେକ ପରିବାରର ଜୀବିକା ଉପରେ ଗଭୀର ପ୍ରଭାବ ପକାଇଥିବା ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସିଆରପିମାନେ ଜିଲ୍ଲା ପ୍ରଶାସନଙ୍କୁ ହସ୍ତକ୍ଷେପ କରି ଛଟେଇ ନିଷ୍ପତ୍ତିର ପୁନର୍ବିଚାର ସହ ପୁନର୍ବହାଲ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ଦାବି ଉପରେ ପ୍ରଶାସନ କେଉଁ ନିଷ୍ପତ୍ତି ନେବ, ତାହାକୁ ନେଇ ଆଗ୍ରହ ପ୍ରକାଶ ପାଇଛି।

## ଦିଲ୍ଲୀରେ ପୁଣିଥରେ ଚମକିଲା ଗଞ୍ଜାମ

# ତିନି ପ୍ରତିଷ୍ଠିତ ଜାତୀୟ ପୁରସ୍କାର

- ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଗଞ୍ଜାମ ଜିଲ୍ଲା
- ଦ୍ୱିତୀୟ ସର୍ବଶ୍ରେଷ୍ଠ ସାମାଜିକ ସୁରକ୍ଷିତ ମନ୍ଦାର ପଞ୍ଚାୟତ
- ପୋଟଲାମପୁର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ

**ଛତ୍ରପୁର,୩।୬ :** ପୁଣିଥରେ ଦିଲ୍ଲୀରେ ଚମକିଛି ଗଞ୍ଜାମ ଜିଲ୍ଲା। ଜିଲ୍ଲାକୁ ମିଳିଛି ୩ଟି ପ୍ରତିଷ୍ଠିତ ଜାତୀୟ ପୁରସ୍କାର। ଜିଲ୍ଲାର ୨ଟି ପଞ୍ଚାୟତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇଥିବା



ବେଳେ ଗଞ୍ଜାମ ଜିଲ୍ଲା ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ପୁରସ୍କାର ପାଇବାର ଗୌରବ ହାସଲ କରିଛି। ସମଗ୍ର ରାଜ୍ୟରୁ ୪ଟି ପଞ୍ଚାୟତ ଏବଂ ଗୋଟିଏ ଜିଲ୍ଲା ଏହି ଜାତୀୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ୩ଟି ପୁରସ୍କାର ଏକାକୀ ଗଞ୍ଜାମ ଜିଲ୍ଲା ପାଇବାକୁ ସକ୍ଷମ ହୋଇଛି। ପୋଲସରା ବ୍ଲକର ମନ୍ଦାର ପଞ୍ଚାୟତକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ 'ସାମାଜିକ ଭାବେ ନ୍ୟାୟପୂର୍ଣ୍ଣ ଓ ସୁରକ୍ଷିତ' ପଞ୍ଚାୟତ ଭାବେ ସ୍ୱୀକୃତି ମିଳିଥିବା ବେଳେ ଛତ୍ରପୁର ବ୍ଲକର ପୋଟଲାମପୁର ପଞ୍ଚାୟତ ଦେଶର ତୃତୀୟ ସର୍ବଶ୍ରେଷ୍ଠ ସୁସ୍ଥ ପଞ୍ଚାୟତ ପୁରସ୍କାର ପାଇପାରିଛି ସେହିପରି ଗଞ୍ଜାମ ଜିଲ୍ଲାକୁ ଦେଶର ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲ୍ଲା ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ରାଜଧାନୀ ଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀଙ୍କ ହସ୍ତରୁ ଗଞ୍ଜାମ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଓ୍ୱାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଏପିଡି ବିଜୟ ବେହେରାଙ୍କ ସମେତ ପୋଲସରା ବିଡିଓ ଶଶିଭୂଷଣ ମହାପାତ୍ର, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ପିଇଓ ରୋଜାଲିନ ବେହେରା, ମନ୍ଦାର ସରପଞ୍ଚ ସୁନିତା ଜେନା ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ବାଣୀ ସୁକାନ୍ତ ପ୍ରମୁଖ ଜିଲ୍ଲାବାସୀଙ୍କ ତରଫରୁ ଟ୍ରଫି, ମାନପତ୍ର ଓ ଅର୍ଥରାଶି ଗ୍ରହଣ କରିଛନ୍ତି । ପୁରସ୍କାର ବାବଦରେ ଗଞ୍ଜାମ ଜିଲ୍ଲାକୁ ୩ କୋଟି ଟଙ୍କା, ମନ୍ଦାର ପଞ୍ଚାୟତକୁ ୩୭.୫୦ ଲକ୍ଷ ଟଙ୍କା ଓ ପୋଟଲାମପୁର ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିଛି। ଏହି ଐତିହାସିକ ସଫଳତା ଜନପ୍ରତିନିଧି, ପଞ୍ଚାୟତିରାଜ ଜନ ପ୍ରତିନିଧି, ଜିଲ୍ଲା ତଥା ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସର୍ବୋପରି ଗଞ୍ଜାମବାସୀଙ୍କ ସାମୂହିକ ନିରନ୍ତର ଉଦ୍ୟମ ଓ ପାରସ୍ପରିକ ସହଯୋଗ ଫଳରେ ଗଞ୍ଜାମ ଜିଲ୍ଲାକୁ ଏହି ସର୍ବଭାରତୀୟ ଗୌରବ ମିଳିପାରିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଓ୍ୱାସନ କହିଛନ୍ତି। ସମସ୍ତ ଶ୍ରେୟ ଜିଲ୍ଲାବାସୀଙ୍କର ବୋଲି ସେ କହିଛନ୍ତି। ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତକୁ ଆହୁରି ଅଧିକ ଜନମଙ୍ଗଳକାରୀ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରିବ ବୋଲି ଜିଲ୍ଲାପାଳ ଆଶାବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିକାଶ ଲକ୍ଷ୍ୟ ନେଇ ଭାରତ ସରକାର ୯ଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ଏହି ମାନଦଣ୍ଡରେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ହେତୁ ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିପାରିଛି। ଆଗରୁ ମଧ୍ୟ ଗଞ୍ଜାମ ଜିଲ୍ଲା ସର୍ବଭାରତୀୟ ସ୍ତରରେ ବିଭିନ୍ନ ସମ୍ମାନଜନକ ପୁରସ୍କାର ପାଇଆସିଛି। ଗଞ୍ଜାମ ଜିଲ୍ଲା ତାହାର ପୂର୍ବ ସୁନାମକୁ ବଜାୟ ରଖିପାରିଛି ବୋଲି ଜିଲ୍ଲାପାଳ କହିବା ସହିତ ଗଞ୍ଜାମବାସୀଙ୍କୁ ଏକକ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତି ଓ ପରିବେଶକୁ ସମୃଦ୍ଧ କରିବା, ବ୍ୟାପକ ଚାରାରୋପଣ କରିବା, ସବୁବେଳେ ନୀତିନିୟମକୁ ମାନିବା, ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସାହିତ୍ୟ ଓ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ ଭଲ କାମ କରି ଜିଲ୍ଲାର ସୁନାମକୁ ବିଶ୍ୱସ୍ତରକୁ ନେବା ପାଇଁ ସେ ଜିଲ୍ଲାବାସୀଙ୍କୁ ଏ ଅବସରରେ ଆହ୍ୱାନ କରିଛନ୍ତି। ଗଞ୍ଜାମ ଜିଲ୍ଲାକୁ ଏହି ଜାତୀୟ ପୁରସ୍କାର ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ

**ରଙ୍ଗେଇଲୁଣ୍ଡା,୩।୬ :** ବ୍ଲକ ଶିତଳାପଲ୍ଲୀ ଗ୍ରାମରେ ବରିଷ୍ଠ କଳାକାର ସଂଘର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୃତ୍ୟୁଞ୍ଜୟ ତ୍ରିପାଠୀ, ସୁଦାମ ପଟ୍ଟନାୟକ, ଅଭିରାମ ରାଉଳ, କୁନୁ ବେହେରା, ବଳରାମ ପ୍ରଧାନ ମଂଚାସିନ ଥିଲେ। ଗ୍ରାମର ପୁରାତନ କଳାକାର ଚନ୍ଦ୍ର ଶେଖର ଶତପଥୀ , ହରିହର ବାବୁ ଓ ଦେବରାଜ ପ୍ରଧାନ ଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ପରେ ଘଣ୍ଟସ୍ଥଳ କଳାକାର ମାନେ କଳା ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଗ୍ରାମର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସଂଘର କାର୍ଯ୍ୟଧାରା କୁ ପ୍ରଶଂସା କରିଥିଲେ।

# ଇଲେକ୍ଟ୍ରିକ୍ ଟ୍ରାନ୍ସଫର୍ମରରେ ଅଗ୍ନିକାଣ୍ଡ

## ଅଳ୍ପକେ ବର୍ତ୍ତିଲା ବଡ଼ ଧରଣର ଦୁର୍ଘଟଣା




**ବାଲେଶ୍ୱର,୩।୬ :** ବାଲେଶ୍ୱର ସହରର ମଠସାହି ବ୍ୟାଙ୍କ କଲୋନୀ ସମ୍ମୁଖରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମରରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଦିନ ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ହଠାତ୍ ଟ୍ରାନ୍ସଫର୍ମରରୁ ନିଆଁ ବାହାରିବା ଆରମ୍ଭ ହୋଇଥିଲା ଏବଂ ଏହା ପ୍ରାୟ ୨ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଜଳିଥିଲା। ନିଆଁର ଶିଖା ଓ ସ୍ଫୁଲିଙ୍ଗ ବାଣ ପରି ଚାରିଆଡ଼େ ଛିଟିକି ପଡୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା।ଅଗ୍ନିକାଣ୍ଡ ଫଳରେ ଟ୍ରାନ୍ସଫର୍ମର ନିକଟରେ ଥିବା କିଛି ଗଛପତ୍ର ଜଳିଯାଇଥିଲା। ରାସ୍ତା କଡ଼ରେ ଛାଇ ତଳେ ରଖାଯାଇଥିବା ଏକ କା ?କୁ ସମୟ ମଧ୍ୟରେ ସ୍ଥାନାନ୍ତର କରାଯାଇଥିବାରୁ ବଡ଼ ଧରଣର କ୍ଷତି ଟଳିଯାଇଥିଲା। ଘଟଣା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଲୋକ ଉପସ୍ଥିତ ରହି ଘଟଣାକୁ ଦେଖୁଥିଲେ।ଖବର ପାଇ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ସୌଭାଗ୍ୟବଶତଃ ଏହି ଘଟଣାରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର ସମ୍ପତ୍ତି କ୍ଷତି ଘଟିନାହିଁ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ବିଦ୍ୟୁତ ବିଭାଗର ରକ୍ଷଣାବେକ୍ଷଣରେ ଅବହେଳା, ଟ୍ରାନ୍ସଫର୍ମର ନିକଟରେ ଅବ୍ୟବସ୍ଥିତ ଭାବେ ଝୁଲି ରହିଥିବା କେବୁଲ୍ ତାର ଏବଂ ଆଖପାଖ ଅଞ୍ଚଳରେ ଲତାପତ୍ର ସଫା ନ ହେବା ଏହି ଘଟଣାର ସମ୍ଭାବ୍ୟ କାରଣ ହୋଇପାରେ। ସ୍ଥାନୀୟ ଲୋକମାନେ କହିଛନ୍ତି, ଯଦି ଏହି ଅଗ୍ନିକାଣ୍ଡ ରାତ୍ରି ସମୟରେ ଘଟିଥାନ୍ତା, ତେବେ ଏହା ଏକ ବଡ଼ ଧରଣର ଦୁର୍ଘଟଣାର ରୂପ ନେଇପାରୁଥାନ୍ତା। ଘଟଣାର ତଦନ୍ତ କରି ଭବିଷ୍ୟତରେ ଏପରି ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକଙ୍କ ଛତ୍ରପୁର ଗସ୍ତ

**ଛତ୍ରପୁର,୩।୬ :** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (ଦକ୍ଷିଣାଞ୍ଚଳ) ବସନ୍ତ କୁମାର ପ୍ରଧାନ ଆଜି ଛତ୍ରପୁରସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ବ୍ରହ୍ମପୁରଠାରେ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଛତ୍ରପୁର ଗସ୍ତ ଥିଲା। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ସେ ବିଭିନ୍ନ ରେଜିଷ୍ଟର, କର୍ମଚାରୀ ବିବରଣୀ, ନଥିପତ୍ର ଏବଂ ଦୃଶ୍ୟ-ଶ୍ରାବ୍ୟ ଯନ୍ତ୍ରପାତି ଅନୁଧ୍ୟାନ କରିଥିଲେ। ଏଥିସହ ସୂଚନା କେନ୍ଦ୍ର ଓ ପାଠାଗାରରେ ଉପଲବ୍ଧ ଖବରକାଗଜ, ପତ୍ରିକା, 'ଉତ୍କଳ ପ୍ରସଙ୍ଗ', 'ଓଡ଼ିଶା ରିଭ୍ୟୁ', 'ପ୍ରଗତି ପ୍ରବାହ' ଏବଂ ଅନ୍ୟାନ୍ୟ ପୁସ୍ତକର ଷ୍ଟକ୍ ରେଜିଷ୍ଟର ମଧ୍ୟ ଯାଞ୍ଚ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ ସରକାରୀ କାର୍ଯ୍ୟ ସଠିକ୍ ଓ ସୁଚାରୁରୂପେ ସମ୍ପାଦିତ ହେଉଥିବା ଦେଖି ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ସେ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଉପନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ ବରିଷ୍ଠ ରାଜସ୍ୱ ସହାୟକ ଜଗନ୍ନାଥ ବେହେରା, ରୂପଶ୍ରୀ କବି, ଗ୍ରନ୍ଥାଗାରିକ ଶ୍ୟାମଘନ ପାତ୍ର, ରଜାକ ହୁସେନ, ମମତା ମହାନ୍ତି, ରାମମୂର୍ତ୍ତି ଆଚାରୀ, ଭାଗ୍ୟଲକ୍ଷ୍ମୀ ପାତ୍ର ଏବଂ ବଳରାମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ

**ବ୍ରହ୍ମପୁର,୩।୬ :** ବୁଧବାର ସକାଳ ୧୦ ଘଣ୍ଟା ସମୟରେ ପଦ୍ମଶ୍ରୀ ମୋହନ ନାୟକ ପୁରାତନ ଛାତ୍ରଛାତ୍ରୀ ସ୍ମୃତି କମିଟି ଦ୍ୱାରା ପଦ୍ମଶ୍ରୀ ମୋହନ ନାୟକଙ୍କ ୧୦୫ ତମ ଜନ୍ମ ଜୟନ୍ତୀ ଅବସରରେ ବ୍ରହ୍ମପୁର ସ୍ଥିତ ସବରେଜିଷ୍ଟ୍ରେ ସମ୍ମୁଖରେ ଥିବା ମୋହନ ନାୟକଙ୍କ ପ୍ରତିମୂର୍ତ୍ତିରେ ବ୍ରହ୍ମପୁର ମାନ୍ୟବର ବିଧାୟକ କେ ଅନିଲ କୁମାରଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସ୍ମୃତି ଚାରଣ ସଭା ସ୍ଥାନୀୟ ଲାଞ୍ଜିପଲି ଦିବ୍ୟ ଜୀବନ ସଂଘ ବାରିସରରେ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମ ରେ ସଭାପତି ଶ୍ରୀ ସୁରେନ୍ଦ୍ର ନାୟକଙ୍କ ସଭାପତିତ୍ୱ ରେ ମାନ୍ୟବର ବିଜେପି ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ କୀର୍ତ୍ତନ ଦାସ ମହୋଦୟ



ଦ୍ୱୀପ ପ୍ରଜ୍ୱଳନ କଲେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବି ଡି ଏ ଅଧ୍ୟକ୍ଷ ବ୍ରହ୍ମପୁର ଶ୍ରୀ ଶରତ ରଞ୍ଜନ ପଟ୍ଟନାୟକ। ମୁଖ୍ୟ ଅତିଥି ଶ୍ରୀ ବାସୁଦେବ ନାୟକ ମାଁ ମଙ୍ଗଳା ଗାହାଣ କୁଠିଶାଳ ପ୍ରତିଷ୍ଠିତା,ଧରାକୋଟ। ପ୍ରଭୃତି ଅତିଥି ଗଣ ମୋହନ ବାବୁଙ୍କ ବହୁ ମୁଖୀ ଜଣ କଲ୍ୟାଣ କାର୍ଯ୍ୟକ୍ରମ ବିଷୟରେ ବକ୍ତା ମାନେ ନିଜ ନିଜ ବକ୍ତବ୍ୟ ମାନ ରଖିଥିଲେ ।ବହୁ ପୁରାତନ ଛାତ୍ରଛାତ୍ରୀ ତଥା ସନାତନ ପରମହଂସ ନାୟକ,ସନ୍ତୋଷ ମଲ୍ଲିକ,ଫୁଲ ମଣୀ ନାୟକ,କୈଳାଶ ମଲ୍ଲିକ,ନାରାୟଣ ଶବର,ଲିଙ୍ଗରାଜ ଗମାଙ୍ଗ,ରଞ୍ଜନ ନାୟକ,ସୁରଥ କୁମାର ପାତ୍ର,ମନ ମୋହନ ନାୟକ,ରବିବାରି ଦାସ,ସୁଶାନ୍ତ କୁମାର ଦାସ,ମଧୁ ସେଠୀ,ସୁର୍ଯ୍ୟ ଦାସ,ମୋହିନୀ ଦାସ,ଅର୍ପିତ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଶେଷରେ ଶ୍ରୀ ତ୍ରିନାଥ ନାୟକ ସାଧାରଣ ସମ୍ପାଦକ ସମସ୍ତ ଉପସ୍ଥିତି କର୍ମକର୍ତ୍ତା ଅତିଥି ଓ ଆଶ୍ରମର ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ବାଲି ଉତ୍ତୋଳନ ବିରୋଧରେ ଖଣି ବିଭାଗର ଚଢ଼ଉ

## ଦୁଇ ଏକ୍ସକାଭେଟର ଜବତ

**ବାଲେଶ୍ୱର,୩।୬ :** ବେଆଇନ ବାଲି ଉତ୍ତୋଳନ ବିରୋଧରେ ଖଣି ବିଭାଗ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ଗତ ୨ ଜୁନ ରାତି ପ୍ରାୟ ୧୧ଟା ୧୫ ମିନିଟ୍ ସମୟରେ ଚାଳନ୍ତି ଅଞ୍ଚଳର ଏକ ବେଆଇନ ବାଲିଘାଟ ଉପରେ ଅଚାନକ ଚଢ଼ାଉ



କରାଯାଇଥିଲା। ଏହି ଚଢ଼ାଉରେ ବେଆଇନ ବାଲି ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଥିବା ଦୁଇଟି ଏକ୍ସକାଭେଟର ଜବତ କରାଯାଇଛି ।ଖଣି ଅଧିକାରୀ ଶ୍ରୀ ଜଗନ ବେହେରା ଓ ଶ୍ରୀ ରୋହିତ କୁମାର ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ଥାନାର ଆଇଆଇସି ଏବଂ ଏପିଆର ଫୋର୍ସର ସହଯୋଗରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଉକ୍ତ ଦୁଇଟି ଯନ୍ତ୍ର ବେଆଇନ ଭାବେ ବାଲି ଉତ୍ତୋଳନ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଜଣାପଡ଼ିଥିଲା ।ଜବତ ହୋଇଥିବା ଦୁଇଟି ଏକ୍ସକାଭେଟରକୁ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଳେଶ୍ୱର କୋର୍ଟ ଷ୍ଟକ୍ୟାର୍ଡରେ ଅଟକ ରଖାଯାଇଛି। ବେଆଇନ ବାଲି ଉତ୍ତୋଳନ ଯୋଗୁଁ ପରିବେଶ ସନ୍ତୁଳନ ଏବଂ ସରକାରୀ ରାଜସ୍ୱ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବାରୁ ଏଭଳି କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଖଣି ବିଭାଗ ପକ୍ଷରୁ କଠୋର ଚଢ଼ାଉ ଓ ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ବିଭାଗ ସୂଚନା ଦେଇଛି।

# ଅନ୍ତଃ ଜିଲ୍ଲା ସିଏମ ଟ୍ରଫି ବ୍ରହ୍ମପୁର ଜୋନର ତୃତୀୟ ଦିନ



**ବ୍ରହ୍ମପୁର,୩।୬ :** ଅନ୍ତଃ ଜିଲ୍ଲା ସି.ଏମ କପ ବ୍ରହ୍ମପୁର ଜୋନ ରେ ଆଜି ଅନ୍ତଃ ୧୪ ବର୍ଷୀୟ ବାଳିକା ବର୍ଗ ରେ କୋରାପୁଟ ଓ ଗଞ୍ଜାମ ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ଗଞ୍ଜାମ ବାଳିକା ଦଳର ଖେଳାଳି କିଶୋରିକା ପାଢ଼ୀ ପ୍ରଥମେ ଗୋଲ କରିଥିଲେ ଏବଂ ଗଞ୍ଜାମ ୧-୦ ଗୋଲ କରି ବିଜୟ ହାସଲ କରିଛି। ଏହି ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ପ୍ରମୋଦ କୁମାର ମହାରଣା ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଏଥଲେଟିକ ସମ୍ପାଦକ। ସେହି ପରି ଦ୍ୱିତୀୟ ମ୍ୟାଚ ବାଳିକା ବର୍ଗ ରେ ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ବାଳିକା ଦଳ ୫-୦ ଗୋଲ କରି ବିଜୟୀ ହାସଲ କରିଥିଲେ । ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ କେଦାରନାଥ ଚୌଧୁରୀ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଉପ -ସଭାପତି । ମ୍ୟାଚ ପରିଚାଳନା କରିଥିଲେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିଷିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ। ଅନ୍ତଃ ୧୪ ବାଳକ ବର୍ଗ ରେ ତୃତୀୟ ଦିନ ର ପ୍ରଥମ ମ୍ୟାଚ ଗଞ୍ଜାମ ଓ କୋରାପୁଟ ଦଳ ମଧ୍ୟରେ ଖେଳାଯାଇ ଥିଲା। କୋରାପୁଟ ୨-୦ ଗୋଲ ରେ ବିଜୟ ହାସଲ କରିଛନ୍ତି। ବାଳକ ବର୍ଗ ର ଦ୍ୱିତୀୟ ମ୍ୟାଚ ମାଲକାନଗିରି ଓ ନବରଙ୍ଗପୁର ଦଳ ମଧ୍ୟରେ ଖେଳା ଯାଇଥିଲା। ନବରଙ୍ଗପୁର ଦଳ ୨-୦ ଗୋଲ କରି ବିଜୟ ହାସଲ କରିଥିଲେ। ଆଜି ର ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ଆର. କେ ମଣ୍ଡଳ ଏନ. ଆଇ. ଏସ ପ୍ରଶିକ୍ଷକ ଏବଂ ଦ୍ୱିତୀୟ ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଅଭିଜିତ ପୌଲ ଓଡିଶା ଓଲମ୍ପିକ ସଙ୍ଘ ସମ୍ପାଦକ ।ଏଥି ସହ ଗଞ୍ଜାମ ଜିଲ୍ଲା ର ସଦସ୍ୟ ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି ଗନ୍ତାୟତ, ବିଜୟ କୁମାର ପଟ୍ଟନାୟକ, ଜି. ଏମ ବାବୁ, ସୀତାରାମ ବ୍ରୋର୍ଡା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ଦୁର୍ଗା ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲା ର ବରିଷ୍ଠ ଫୁଟବଲ ଖେଳାଳି ମାନେ ମଧ୍ୟରେ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡ଼ି କୁ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ସୂଚନା ଦେଇଛନ୍ତି।

## ଜିଲ୍ଲା ନାଟକ ମହୋତ୍ସବ ଉଦ୍‌ଘାଟିତ

# ହାସ୍ୟ ନାଟକ 'ସୋମରସ' ଦର୍ଶକଙ୍କ ମନମୋହିଲା



**ବ୍ରହ୍ମପୁର,୩।୬ :** ଦିନକୁ ଦିନ ମଣିଷ ଯେତେ ଉନ୍ନତି ଆଡକୁ ଗତିକରୁଛି ବୋଲି ଆମେ ଭାବୁଛେ, ତା'ର ସେତେ ଅବନ୍ନତି ହୋଇ ଯାଉଛି । କିଛି ମଦ ଆଉ ନିଶାଦ୍ରବ୍ୟ ପାଇଁ ଆଜି ସେ ନିଜର ନିଜତ୍ୱ ହରାଇବସିଛି । ଏମିତି ଯେ ମସାଣିଭୂମିରେ ମଧ୍ୟ ନିଜ ସମ୍ପର୍କୀୟ ଶବ ଅପେକ୍ଷା ମଦକୁ ଗୁରୁତ୍ୱ ଦେଇଛି । ବିଚରା ପୁଅଟି ଅସହାୟ ହୋଇ ରାତି ଅଧରେ ମା' ର ଶବ ପୋତିବା ପାଇଁ ମଦ ସଂଗ୍ରହରେ ଲକ୍ଷଗିପଡେ । ଏମିତି କିଛି ଘଟଣା ବସ୍ତୁକୁ ନେଇ ବିଶିଷ୍ଟ ହାସ୍ୟଅଭିନେତା ପ୍ରଜ୍ଞ୍ୟା ରଞ୍ଜନ ଖଟୁଆଙ୍କ ରଚିତ ଏବଂ ମଧୁ-ପ୍ରୀତି ଯୋଡିଙ୍କ ନିର୍ଦ୍ଦେଶିତ ହାସ୍ୟ ଏବଂ ବ୍ୟଙ୍ଗ ନାଟକ 'ସୋମରସ ' । ଗଞ୍ଜାମ ଜ଼ିଲ୍ଲା କଳାକାର ସଂଘ ଦ୍ୱାରା ଆୟୋଜିତ ୧ମ ଗଞ୍ଜାମ ଜ଼ିଲ୍ଲା ସ୍ତରୀୟ ନାଟକ ମହୋତ୍ସବର ଉଦଘଓଟନୀ ସନ୍ଧ୍ୟା ରେ ମଞ୍ଚସ୍ଥ ହୋଇଥିଲା ଏହି ହାସ୍ୟରସ ଭରା ବ୍ୟଙ୍ଗ ନାଟକଟି । ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିବା ବେଳେ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ସାହିତ୍ୟିକ ଚିନ୍ମୟ ରଞ୍ଜନ ମିଶ୍ର, ବ୍ରହ୍ମପୁର ପ୍ରେସ କ୍ଲବର କ୍ରୋସାଧ୍ୟକ୍ଷ ସାମ୍ବାଦିକ ଶିବ ନାରାୟଣ ପଣ୍ଡା ଏବଂ ଉଦ୍ୟୋଗପତି ସମୀର ମିଶ୍ର, ସ୍ୱର୍ଣ୍ଣପ୍ରଭା ପାଢ଼ୀପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ସାଧାରଣ ସମ୍ପାଦକ ଡ ମିହିର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଶଙ୍କର୍ଷଣ ସାବତ ମଂଚାସୀନ ଥିବାବେଳେ ସଭାକୁ ଅଧ୍ୟକ୍ଷତା କରିଥିଲେ ସଂଘର ଉପଦେଷ୍ଟା ନାଟ୍ୟକାର ତ୍ରିପତି ନାୟକ କ୍ଷ ଉପ ସଭାପତି କୈଳାସ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ତାପସ ପାଣିଗ୍ରାହୀ ଏବଂ ସୁନନ୍ଦା ରାଣୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା, ନାଟ୍ୟ ପ୍ରଦୀପ ମଦନ ମିଶ୍ର, ମନୋଜ ଦଣ୍ଡପାଟ, ରବୀନ୍ଦ୍ର କୁମାର ନାୟକ, ସରୋଜ କୁମାର ପଣ୍ଡା, ଗିରିଜା ଦାଶ, ସରୋଜ ବାରିକେ, ଆଇନ ପରାମର୍ଶ ଦାତା ବିଘ୍ନେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଗଞ୍ଜାମ କଳା ପରିଷଦରେ ପାର୍କିଂ ସମସ୍ୟା

## ରାସ୍ତାରେ ଜମୁଛି ଭିଡ, ପ୍ରଶାସନ ଦୃଷ୍ଟି ଦେବା ଜରୁରୀ



**ବ୍ରହ୍ମପୁର,୩।୬ :** ଗଞ୍ଜାମ କଳା ପରିଷଦ ରେ ଚାଲିଛି ନାଟକ,କିନ୍ତୁ ପାର୍କିଂ ସମସ୍ୟା ଯୋଗୁଁ ରାସ୍ତାରେ ଦର୍ଶକ ଗାଡ଼ି ମୋଟର ରଖୁଛନ୍ତି । ଟ୍ରାଫିକ ଭିଡ ସବୁବେଳେ ଲାଗି ରହୁଛି, ସେପଟେ ଉତ୍କଳ ଆଶ୍ରମ ଭିତରକୁ କାହାରିକୁ ଛଡା ଯାଉନାହିଁ, ତେଣୁ ସମସ୍ୟା ବେଶୀ,ସେଠାରେ ପାର୍କିଂ କଲେ ଲାଗିବ ଅଧିକ ୫୦୦୦ । ଏପରି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହୁଛି, ଲୋକେ ଅସୁବିଧା ହେଉଛନ୍ତି,ବ୍ରହ୍ମପୁର୍ ରେ ମଣ୍ଡପ ଅଭାବ, ଟାଉନ ହଲ ଆଉ ସଂସ୍କୃତି ଭବନ ସଂପୂର୍ଣ୍ଣ ବନ୍ଦ୍ ରହିଛି, ଯେଉଁମାନେ ଗଞ୍ଜାମ କଳା ପରିଷଦ ରେ ଉତ୍ସବ କି ସଭା କି ନାଟକ କରୁଛନ୍ତି ଦେବାକୁ ପଡୁଛି ୧୫୦୦୦ ରୁ ଅଧିକ ଟଙ୍କା, ତାପରେ ଆଉ ଗୋଟିଏ ଛୋଟ ମଞ୍ଚ ମଧ୍ୟ ଗଞ୍ଜାମ କଳା ପରିଷଦ ଭଡ଼ାରେ ଦଉଛି,ଗୋଟିଏ ସ୍ଥାନରେ ଦୁଇ ଦୁଇ ଟି କାଯ୍ୟକ୍ରମ ପ୍ରବଳ ଭିଡ ସହ ଟ୍ରାଫିକ ଜାମ୍ । ଏହାକୁ ନେଇ କଳାକାର ଆଉ ଦର୍ଶକଙ୍କ ସହ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବୁଝିବାକୁ କେହି ନାହିଁ, ସମସ୍ତେ ନିରୁପାୟ । ତେଣୁ ଜିଲ୍ଲାପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ।

# କଣ୍ଟୁଣିଆରେ 'ଆମ ବସ୍' ରହଣି ଦାବି ଜୋରଦାର

- ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦରଖାସ୍ତ
- ଯାତାୟାତ ସମସ୍ୟାରେ ଅତିଷ୍ଠ ମହିଳା, ବୃଦ୍ଧ ଓ ଛାତ୍ରଛାତ୍ରୀ



**ଫୁଲନଖରା,୩।୬ :** ବୟାଳିଶମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଗ୍ରାମର କଣ୍ଟୁଣିଆ ଅଞ୍ଚଳରେ ରାଧାମାଧବ ମନ୍ଦିର ନିକଟରେ 'ଆମ ବସ'ର ଏକ ସ୍ଥାୟୀ ରହଣି ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି ଉଠିଛି। ଦୀର୍ଘ ଦିନ ଧରି ଏହି ଅଞ୍ଚଳର ଲୋକମାନେ ଭୋଗୁଥିବା ଯାତାୟାତ ଦୁର୍ଭୋଗକୁ ନେଇ ଅସନ୍ତୋଷ ବଢ଼ିବା ପରେ ଆଜି ସକାଳୁ ଗ୍ରାମର ମହିଳା, ପୁରୁଷ ଓ ବରିଷ୍ଠ ନାଗରିକମାନେ ଏକାଠି ହୋଇ ନିଜ ଦାବିକୁ ଜୋରଦାର ଭାବେ ଉପସ୍ଥାପନ କରିଛନ୍ତି। ସୂଚନା ଅନୁଯାୟୀ, କନ୍ଦରପୁରରୁ ଧବଳେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ୮୩ ନମ୍ବର ରୁଟ୍ର 'ଆମ ବସ'କୁ କଣ୍ଟୁଣିଆ ଅଞ୍ଚଳରେ ଅଟକାଇ ଗ୍ରାମବାସୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଅବଗତ କରାଇଥିଲେ। ବସ କର୍ମଚାରୀମାନେ ଏହି ପ୍ରସଙ୍ଗରେ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଦାବି ଜଣାଇବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉକି, ବେଣ୍ଟକାର ଗ୍ରାମର ପ୍ରବେଶ ପଥରେ ଏକ 'ଆମ ବସ' ଷ୍ଟପେଜ ଥିଲେ ମଧ୍ୟ କଣ୍ଟୁଣିଆ ଓ ଗ୍ରାମର ଭିତର ଅଞ୍ଚଳରେ କୌଣସି ରହଣି ବ୍ୟବସ୍ଥା ନାହିଁ। ଫଳସ୍ୱରୂପ ଲୋକମାନଙ୍କୁ ପ୍ରତିଦିନ ୪୦୦ରୁ ୫୦୦ ମିଟର ପର୍ଯ୍ୟନ୍ତ ପାଦରେ ଚାଲି ବସ ଧରିବାକୁ ପଡୁଛି। ବିଶେଷକରି ହାତରେ ବ୍ୟାଗ୍, ଲଗେଜ୍ କିମ୍ବା ଅନ୍ୟ ସାମଗ୍ରୀ ଥିଲେ ଏହି ଦୂରତା ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ଏଥିପାଇଁ ମହିଳା, ବୃଦ୍ଧବୃଦ୍ଧା ଓ ସ୍କୁଲ-କଲେଜ ଯାଉଥିବା ଛାତ୍ରଛାତ୍ରୀମାନେ ସର୍ବାଧିକ ହଇରାଣ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କଣ୍ଟୁଣିଆ ଅଞ୍ଚଳଟି ଜନବହୁଳ ହୋଇଥିବା ସତ୍ତ୍ୱେ ଏଠାରେ ବସ ରହଣି ନଥିବାରୁ ଲୋକମାନଙ୍କୁ ଦୈନନ୍ଦିନ କାର୍ଯ୍ୟ, ଚିକିତ୍ସା, ଶିକ୍ଷା ଏବଂ ବଜାର ଯାତାୟାତ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବର୍ଷା ଓ ଖରା ଦିନରେ ଏହି ସମସ୍ୟା ଆହୁରି ଗୁରୁତର ହୋଇପଡୁଛି। ଏହି ପ୍ରସଙ୍ଗରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଶତାଧିକ ସ୍ୱାକ୍ଷର ସମ୍ବଳିତ ଦରଖାସ୍ତ 'ଆମ ବସ' କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ରାଧାମାଧବ ମନ୍ଦିର ନିକଟରେ ଏକ ବସ ରହଣି ସ୍ଥାପନ ହେଲେ କେବଳ କଣ୍ଟୁଣିଆ ନୁହେଁ, ଆଖପାଖ ଅଞ୍ଚଳର ଶତାଧିକ ଯାତ୍ରୀ ମଧ୍ୟ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି। ଗ୍ରାମର ବରିଷ୍ଠ ନାଗରିକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସୁଜିତ କୁମାର ପତି, ସୁଶିଲ କୁମାର ସତପଥୀ, ଅଶୋକ କୁମାର ପତି, ଧ୍ରୁବ ଚରଣ ମହାପାତ୍ର, ବିଷ୍ଣୁ ଚରଣ ପତି, ପ୍ରଦୀପ୍ତ ମହାପାତ୍ର, ବସନ୍ତ ସତପଥୀ, ମାନସ ପତି, ମଦନ ମହାପାତ୍ରଙ୍କ ସମେତ ବହୁ ମହିଳା ଓ ଯୁବ ପ୍ରତିନିଧି ଏହି ଦାବିରେ ସାମିଲ ହୋଇଥିଲେ। ଗ୍ରାମବାସୀମାନେ କହିଛନ୍ତି ଯେ, ସାଧାରଣ ଜନତାଙ୍କ ସୁବିଧା ପାଇଁ ସରକାର 'ଆମ ବସ' ସେବା ଆରମ୍ଭ କରିଥିବା ବେଳେ କଣ୍ଟୁଣିଆ ଭଳି ଜନବହୁଳ ଅଞ୍ଚଳରେ ରହଣି ବ୍ୟବସ୍ଥା ନଥିବା ଦୁଃଖଦ ବିଷୟ। ତେଣୁ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ରାଧାମାଧବ ମନ୍ଦିର ନିକଟରେ 'ଆମ ବସ'ର ଏକ ସ୍ଥାୟୀ ଷ୍ଟପେଜ ଓ ରହଣି ବ୍ୟବସ୍ଥା କରିବାକୁ ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି। ଏହି ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥାର ଚିତ୍ର

# ଧୂମପାନ ନିଷିଦ୍ଧ ଅଞ୍ଚଳରେ ସିଗାରେଟ୍

## ଅବହେଳା ନା ନିୟମ ଉଲ୍ଲଂଘନ




**ବାଲେଶ୍ୱର,୩।୬ :** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରୀକାଳୀନ ପର୍ଯ୍ୟବେକ୍ଷଣ ୱାର୍ଡ ପରିସରରେ ଏକ ସିଗାରେଟ୍ ପଡ଼ିଥିବା ଦେଖିବାକୁ ମିଳିଥିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଓ ପ୍ରଶ୍ନ ସୃଷ୍ଟି କରିଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଯାତାୟାତ ଲାଗି ରହୁଥିବା ଏହି ସମ୍ବେଦନଶୀଳ ବିଭାଗରେ ସିଗାରେଟ୍ ଭଳି ସାମଗ୍ରୀ ମିଳିବା ହସ୍ପିଟାଲର ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଜଣେ ବ୍ୟକ୍ତି ଏମରଜେନ୍ସି ୱାର୍ଡ ଭିତରେ ସିଗାରେଟ୍ ପଡ଼ିଥିବା ଦେଖି ଏହା କାହାର ବୋଲି ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀଙ୍କୁ ପଚାରିଥିଲେ। ତେବେ ସମ୍ପୃକ୍ତ କର୍ମଚାରୀ ଏହା କାହାର ତାହା ଜାଣିନଥିବା କହିବା ସହ ଏହା କୌଣସି ରୋଗୀ କିମ୍ବା ରୋଗୀଙ୍କ ସମ୍ପର୍କୀୟଙ୍କର ହୋଇପାରେ ବୋଲି ମତ ରଖିଥିଲେ। ତେବେ ପ୍ରଶ୍ନ ଉଠୁଛି, ଯେଉଁ ସ୍ଥାନରେ ପ୍ରତିଦିନ ଶହ ଶହ ରୋଗୀ, ବୃଦ୍ଧ ଓ ଶିଶୁମାନେ ଚିକିତ୍ସା ପାଇଁ ଆସୁଛନ୍ତି, ସେଠାରେ ଧୂମପାନ ସମ୍ବନ୍ଧୀୟ ସାମଗ୍ରୀ କିପରି ପହଞ୍ଚିଲା ? ହସ୍ପିଟାଲ ପରିସରରେ ଧୂମପାନ ନିଷିଦ୍ଧ ଥିବା ସତ୍ତ୍ୱେ ଏଭଳି ଘଟଣା ସାମ୍ନାକୁ ଆସିବା ନିୟମ ପାଳନ ଓ ନିରୀକ୍ଷଣ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାଧାରଣ ଲୋକଙ୍କ ମତରେ, ଏମରଜେନ୍ସି ୱାର୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ଘଟଣା ଘଟିଥିବା ବେଳେ ହସ୍ପିଟାଲର ଅନ୍ୟାନ୍ୟ ସ୍ଥାନର ପରିସ୍ଥିତି କିପରି ରହିଥିବ ତାହା ସହଜରେ ଅନୁମାନ କରାଯାଇପାରେ। ତେଣୁ ହସ୍ପିଟାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବା ସହ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ନେବା ଆବଶ୍ୟକ ବୋଲି ଦାବି ହୋଇଛି। ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ପରିଷ୍କାର-ପରିଚ୍ଛନ୍ନତା, ସୁରକ୍ଷା ଓ ଶୃଙ୍ଖଳା ବଜାୟ ରଖିବା ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ, ଏହି ଘଟଣା ପ୍ରତି ସମ୍ପୃକ୍ତ ବିଭାଗ କିପରି ପଦକ୍ଷେପ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନ ରଥ ଗଡ଼ିଲା

**ବାଲେଶ୍ୱର,୩।୬ :** ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବ୍ୟାପକ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନ ୯.୩୦ ଘଟିକା ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ସଚେତନତା ଅଭିଯାନ ରଥର ଶୁଭାରମ୍ଭ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଛି ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ,




ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଅତିଥିମାନେ ପତାକା ପ୍ରଦର୍ଶନ କରି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ରହିଥିଲେ ।

# ବଣାଇଁ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ



**ବଣାଇଁ,୩।୬ :** ଆସନ୍ତା ଜୁଲାଇ ମାସ ୧୬ ତରିଖ ଦିନ ହେବାକୁ ଥିବା ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ରୀତି ନୀତି ମତେ ପାଳନ କରିବା ନିମନ୍ତେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେକ୍ଷଇଥିଲା କ୍ଷଉକ୍ତ ବୈଠକରେ ବଣାଇ ଉପ ଜିଲ୍ଲାପାଳ ଅଶେକ୍ଷକ ଦାସ ଅଧକ୍ଷତା କରିଥିଲେ ।ବୈଠକ ପ୍ରାରମ୍ଭରେ ସଂପକ୍ତ ବିଭାଗର ଅଧିକାରୀ, କର୍ମଚାରୀ, ପୂଜକ, ସେବାୟତ, ତଥା କାର୍ଯ୍ୟକାରିଣୀ ସଦସ୍ୟଙ୍କ ଉପସ୍ଥିତିକୁ ସ୍ୱାଗତ ଜଣାଇ ଥିଲେ । ଦାୟିତ୍ୱ ଦିଆଯାଇ ଥିବା କାର୍ଯ୍ୟକୁ ସଠିକ ଭାବେ ରୂପାୟନ କରିବା ନିମନ୍ତେ, ସଂପକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପରା ମର୍ଶ ଦେଇଥିଲେ । ଏହି ବୈଠକରେ ଗ ?ହ ଓ ପୂର୍ତ୍ତ ବିଭାଗ, ପଞ୍ଚାୟତ ରାଜ ବିଭାଗ, ବନ ବିଭାଗ, ଜଳ ଓ ପରିମଳ ବିଭାଗ, ପେକ୍ଷଲିସ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ଭିଭାଗ, ସୂଚନା ଓ ଲେକ୍ଷକ ସମ୍ପର୍କ, ରାଜସ୍ୱ ବିଭାଗ,ସମେତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ବଣାଇର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହା ବ୍ୟତିତ ଉପଖଣ୍ଡ ପେକ୍ଷଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ଉପ ଖଣ୍ଡ ସ୍ୱାସ୍ଥ୍ୟ ଅଧୀକ୍ଷକ ଡା.ମନେକ୍ଷଜ କୁମାର ପତି, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଅତିରିକ୍ତ ତହସିଲଦାର ଜ୍ଞାନ ରଞ୍ଜନ ବେହେରା, ଜଗନ୍ନାଥ ପୂଜକ ମହାବୀର ନାଥ ଶର୍ମା, ସରପଞ୍ଚ ନମିତା ନାଗ ଙ୍କ ସମେତ ସ୍ୱେଚ୍ଛା ସେବୀ ସେବାୟତ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ । ନାଜିର ପ୍ରଶାନ୍ତ କୁମାର ଜେନା ଓ ଲଳିତ ପାତ୍ର ବୈଠକର ଆୟେକ୍ଷଜନ କରିଥିଲେ । ପରିଶେଷରେ ସମସ୍ତଙ୍କ ସହଯେକ୍ଷଗ କାମନା କରି ଜୟଜଗନ୍ନାଥ ଧ୍ୱନି ଦେଇ ସଭା ସାଙ୍ଗ କରାଯାଇଥିଲା ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବାଲେଶ୍ୱର,୩।୬ :** ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜ଼ିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସ ପ୍ରୟାସରେ ଆରୁହାବାଦ ଗ୍ରାମ ପଂଚାୟତ ଅନ୍ତର୍ଗତ ଉଦୟ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି। ଏହି ଶିବିରରେ ବାହାନଗା ବ୍ଲକର ଆରୁହାବାଦ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି। ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଇଦ୍ ?ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ଼ିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜ଼ିଲ୍ଲାପାଳ ଶ୍ରୀ ପ୍ରତାପ ବେହେରା, ବରିଷ୍ଠ ରାଜସ୍ୱ



ସହାୟକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୦୯ ଜୁନ ତାରିଖ ଯାଏ ଚାଲିବ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

# ହାତୀ ଆକ୍ରମଣରେ ମହିଳା ଗୁରୁତର



**ବଣାଇଁ,୩।୬ :** ଟୁଲ ଗୋଟାଇ ବାକୁ ଯାଇ ଦନ୍ତା ହାତୀ ଆକ୍ରମଣ ରେ ମହିଳା ଗୁରୁତର। ଏମିତି ଏକ ଘଟଣା ଘଟିଛି ସୁନ୍ଦରଗଡ ଜିଲ୍ଲା ବଣେଇ ବନଖଣ୍ଡର ଜରଡ଼ା ରେଞ୍ଜର ବାଲିଆ ଅଞ୍ଚଳ। ଆଜି ଭୋର୍ ସକାଳେ ନିକଟ ଜଙ୍ଗଲକୁ ଟୁଲ ଗୋଟାଇ ବାକୁ ଯାଇ ଥିବା ବେଳେ ହଟାତ ଏକ ଦନ୍ତା ହାତୀ ଆସି ପ୍ରଥମେ ମହିଳା ଙ୍କୁ ଟେକି କଚାଡ଼ି ଦେବା ଫଳରେ ସେ ଗୁରୁତର ହୋଇ ପଡିଥିଲେ ଏହି ଖବର ବନ ବିଭଗ ସୂଚନା ପାଇ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇ ଥିବା ଜଣା ପଡିଛି ।

## କନଭେୟର ବେଲ୍ଟ କାମ ବେଳେ ଦୁର୍ଘଟଣା

# ଶ୍ରମିକଙ୍କ ବେକରେ ଲୁହା ରଡ ପଶି ଗୁରୁତର



**ବଣାଇଁଗଡ଼,୩।୬ :** ବଣାଇଁ ଉପଖଣ୍ଡ ଅନ୍ତର୍ଗତ ଲହୁଣୀପଡା ଥାନା ଅଞ୍ଚଳର ବରସୁଆଁ ଅଞ୍ଚଳରେ ଏକ କନଭେୟର ବେଲ୍ଟ ନିର୍ମାଣ କାର୍ଯ୍ୟ ସମୟରେ ଘଟିଥିବା ଦୁର୍ଘଟଣାରେ ଜଣେ ଠିକା ଶ୍ରମିକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଶ୍ରମିକ ଜଣକ ହେଲେ ଝାଡଖଣ୍ଡ ରାଜ୍ୟର ଶିବୁ ସୁରେନ। ସୂଚନା ଅନୁଯାୟୀ, ବରସୁଆଁସ୍ଥିତ ଓଏମସି ଲୌହଖଣିରେ କନଭେୟର ବେଲ୍ଟ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନେଇଥିବା ସେମ ଇଣ୍ଡିଆ କମ୍ପାନୀ ପକ୍ଷରୁ କାମ ଚାଲିଥିଲା। ଏହି କାମ ପାଇଁ ଝାଡଖଣ୍ଡରୁ ଆସିଥିବା କେତେକ ଠିକା ଶ୍ରମିକ ନିୟୋଜିତ ଥିଲେ। ପ୍ରତିଦିନ ପରି ମଙ୍ଗଳବାର ମଧ୍ୟ ଶ୍ରମିକମାନେ କନଭେୟର ବେଲ୍ଟ ଉପରେ ୱେଲ୍ଡିଂ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଏହି ସମୟରେ ଶିବୁ ସୁରେନ ଏକ ଡ୍ରିଲ୍ ହାମର ମେସିନ୍ ?ରେ କାମ କରୁଥିବା ବେଳେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଫଳରେ ମେସିନ୍‌ରେ ଲାଗିଥିବା ଏକ ଲୁହା ରଡ ତାଙ୍କ ବେକରେ ପଶିଯାଇଥିଲା। ଏଥିରେ ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ଦୁର୍ଘଟଣା ପରେ ସେଠାରେ କାମ କରୁଥିବା ସୁପରଭାଇଜର, ମିସ୍ତ୍ରୀ ଓ ଅନ୍ୟ ଶ୍ରମିକମାନେ ତୁରନ୍ତ ଶିବୁ ସୁରେନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତରମାନେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ଶ୍ରମିକ ସୁରକ୍ଷା ବ୍ୟବସ୍ଥା ଓ କାର୍ଯ୍ୟସ୍ଥଳରେ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପ୍ରତି ପୁଣିଥରେ ପ୍ରଶ୍ନ ଉଠିଛି। ସମ୍ପୃକ୍ତ କମ୍ପାନୀ ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ସୂଚନା ମିଳିଛି।

# ବିବେକାନନ୍ଦ ବେହେରାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ହାଟଡିହି,୩।୬ :** ହାଟଡିହି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ରେ ଅବସରକାଳୀନ ସମ୍ବର୍ଦ୍ଧନା ଓ ପୂର୍ଣ୍ଣ ପେନସନ ପ୍ରଦାନ ସଭା ଅନୁଷ୍ଠିତ ହୋଇଯାଇଛି ।ଆମେ ସାଧାରଣତଃ ଜାଣିଥାନ୍ତି ଚାକିରି ଜୀବନ ଯେତିକି ଆରାମ ଦାୟକ, ପେନସନ ପାଇବା ସେତିକି କଷ୍ଟ ଦାୟକ। ବାରମ୍ବାର ଅଫିସ ଦୌଡ଼ି ଦୌଡ଼ି ସମସ୍ତ କାଗଜ ପତ୍ର ସଠିକ ଭାବେ ପ୍ରଦାନ କରି ନୟାନ୍ତ ହେବା ପରେ ପେନସନ ଟଙ୍କା ପାଇବା କେତେ ଯେ କଷ୍ଟ କର ତାହା ଜଣେ ଅନୁଭବ ନକଲେ ଜାଣି ପାରିବ ନାହିଁ। ହାଟଡିହି ବ୍ଲକ ରେ ଏପରି ଏକ ନୂଆ ଘଟଣା ଦେଖିବାକୁ ମିଳିଥିଲା ଯାହାକି ଡିମିରିଆ ପ୍ରାଥମିକ ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିବେବକାନନ୍ଦ ବେହେରା ଅବସର ଦିନ ହିଁ ପାଇଛନ୍ତି ପେନସନ ର ସମସ୍ତ ଟଙ୍କା। ବୁଧବାର ଦିନ ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ହାଟଡିହି ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇ ଙ୍କ ସଂଯୋଜନା ରେ ଏବିଓ ପ୍ରମୋଦ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେବା ସହ ଶ୍ରୀକାନ୍ତ ପଟନାୟକ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିବେବକାନନ୍ଦ ବେହେରା ଙ୍କୁ ଯେଉଁ ଦିନ ଚାକିରି ସରିଲା ସେହି ଦିନ ହିଁ ପେନସନ ଟଙ୍କା ମିଳିଛି। ଯାହାକୁ ନେଇ ସେ ବେଶ୍ ଖୁସି ଥିବା ବେଳେ ଅନ୍ୟ ଶିକ୍ଷକ ମାନେ ଏଥିପ୍ରତି ତତ୍ପରତା କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସଭା ରେ ସାଥୀ ଶିକ୍ଷକ ଙ୍କ ସହ ଅନେକ ଅବସରପ୍ରାପ୍ତ ଶିକ୍ଷକ ଯୋଗ ଦେଇଥିଲେ।

# ମୋରଡା ଥାନା ଆଇଆଇସିଙ୍କ ବଦଳି ଦାବିରେ ଡିଆଇଜିଙ୍କୁ ସ୍ମାରକପତ୍ର



**ବାଲେଶ୍ୱର,୩।୬ :** ମୟୂରଭଞ୍ଜ ଜିଲ୍ଲାର ମୋରଡା ଥାନା ଆଇଆଇସି ସୁମିତ ସୋରେନଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କ ବଦଳି ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ପୂର୍ବାଞ୍ଚଳ ରେଞ୍ଜ ଡିଆଇଜିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଅଭିଯୋଗ କରାଯାଇଛି ଯେ, ନାବାଳିକା ନିର୍ଯାତନା ଘଟଣାରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ପୀଡ଼ିତା ଓ ତାଙ୍କ ପରିବାର ପ୍ରତି ମୋରଡା ଥାନା ଆଇଆଇସି ଅସହଯୋଗୀ ମନୋଭାବ ପ୍ରଦର୍ଶନ କରିଥିଲେ। ଏହାସହ ଥାନା ଅଧିକାରୀଙ୍କ ବିରୋଧରେ ବାଲି ମାଫିଆ, ଜମି ମାଫିଆ ଏବଂ ବେଆଇନ କାରବାର ସହ ଜଡିତ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦେବା ଭଳି ଅଭିଯୋଗ ମଧ୍ୟ ଉଠାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପୂର୍ବରୁ ଏହି ସମ୍ପର୍କରେ ମୟୂରଭଞ୍ଜ ଏସ୍ ?ପିଙ୍କୁ ଅବଗତ କରାଯାଇଥିଲା। ଘେରାଉ ସମୟରେ ଉପସ୍ଥିତ ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ସହ ଆଇଆଇସିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନ ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଆଇଆଇସିଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ନିଆଯାଇନଥିବା ଅଭିଯୋଗ କରାଯାଇଛି। ତେଣୁ ମୋରଡା ଥାନା ଆଇଆଇସି ସୁମିତ ସୋରେନଙ୍କୁ ତୁରନ୍ତ ବଦଳି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ପାଇଁ ଦାବି କରାଯାଇଛି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ରାଜ୍ୟ ବିଜେଡି ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝି, ପୂର୍ବତନ ଛାତ୍ର ସଭାପତି ସୁନୀଲ ନାୟକ, ବାରିପଦା ପୌରାଧକ୍ଷ ବାଦଲ ମହାନ୍ତି ଏବଂ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati